RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -272 | ସଂଖ୍ୟା-୨୭୨
ଭୁବନେଶ୍ୱର, ମଙ୍ଗଳବାର ୧୩ ଜାନୁଆରୀ ୨୦୨୬
Bhubaneswar, Tuesday 13 January, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ସୁଶାସନର ଅଂଶ ହେବ ସଡ଼କ ସୁରକ୍ଷା



● ଆରମ୍ଭ ହେଲା 'ମୁଖ୍ୟମନ୍ତ୍ରୀ ସଡକ ସୁରକ୍ଷା ଯୋଜନା ସମ୍ମାନ'
● କଳିଙ୍ଗା ଘାଟିରେସତର୍କ ସୂଚ଼ନା ଘଣ୍ଟିର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ
● ୧୫ ଚ଼ାର୍ଜିଂ ଷ୍ଟେସନ ଉଦ୍‌ଘାଟିତ, ୧୪ ନୂତନ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପିତ
● ରାଜ୍ୟ ସଡକ ପରିବହନ ନିଗମର ବସ୍ ପାଇଁ ସ୍ମାର୍ଟ କାର୍ଡର ଶୁଭାରମ୍ଭ
● ୪୬ କୋଟି ବ୍ୟୟରେ ୧୦୦ ନୂତନ ବିଏସ୍-୬ ବସ୍ ସାମିଲ୍
● ସଡକ ସୁରକ୍ଷା ପାଇଁ ୪ଟି 'ଇ' ନୀତି ଗ୍ରହଣ କରିବାକୁ ପରାମର୍ଶ

ଭୁବନେଶ୍ୱର, ୧୨।୧ (ନି.ପ୍ର.): ରାଜ୍ୟର ସଡକ ସୁରକ୍ଷା ଓ ବିକାଶ କ୍ଷେତ୍ରରେ ଆଜି ଏକ ଐତିହାସିକ ଦିନ। ସାରା ରାଜ୍ୟରେ ଏବେ ଜାତୀୟ ସଡକ ସୁରକ୍ଷା ମାସ ପାଳିତ ହେଉଥିବା ବେଳେ, ଆଜି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ସଡକ ସୁରକ୍ଷା ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଆରମ୍ଭ କରିଛନ୍ତି। ଏହା ସହିତ ରାଜ୍ୟ ରାଜଧାନୀର କାୟାକଳ୍ପ ହେଲାଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରିଛନ୍ତି।

ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍‌ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ଓ ଦେଶରେ ବଢୁଥିବା ସଡକ ଦୁର୍ଘଟଣା ଯୋଗୁ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହିତ ସମସ୍ତଙ୍କୁ ସଡକ ସୁରକ୍ଷାର ନିୟମ ପାଳନ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସଡକ ସୁରକ୍ଷା ପାଇଁ ରାଜ୍ୟ ସରକାର ଚ଼ାରିଟି 'ଇ' ପାଳନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସେଗୁଡିକ ହେଲା ଏଜୁକେସନ ବା ଶିକ୍ଷା, ଏନ୍‌ଫୋର୍ସମେଣ୍ଟ ବା ନିୟମର କଡାକଡି ଅନୁପାଳନ, ଇଞ୍ଜିନିୟରିଂ ବା ଯୋଗାଯୋଗ ଭିତ୍ତିଭୂମି ଓ ଯାନବାହନରେ ଉନ୍ନତ ଇଞ୍ଜିନିୟରିଂ ବିଦ୍ୟା ପ୍ରୟୋଗକରି ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଏବଂ ଏମର୍ଜନ୍‌ସି ବା ଜରୁରୀ ସମୟରେ ତୁରନ୍ତ ଚ଼ିକିତ୍ସା ସହାୟତା ପ୍ରଦାନ। ଏହି ଚ଼ାରିଟି ନିୟମ ଅନୁପାଳନ ସହିତ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଆଉ ଦୁଇଟି 'ଇ' ଅନୁପାଳନ ପାଇଁ ପରାମର୍ଶ ଦେଇଥିଲେ। ଏହାହେଲା ଏନ୍‌ଭିରନ୍‌ମେଣ୍ଟ ଓ ଇଭାଲ୍ୟୁଏସନ। ଯାନବାହନର ପ୍ରଦୂଷଣ ନିୟମକୁ ସଠିକ୍ ଭାବେ ପାଳନ କରିବା ସହିତ ସଡକ ସୁରକ୍ଷାର ଯେଉଁ ନିୟମ ଗୁଡିକ ଅଛି, ତାହାର ଫଳାଫଳ ସମ୍ପର୍କରେ ଉପଯୁକ୍ତ ମୂଲ୍ୟାୟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ମୂଲ୍ୟାୟନକୁ ଭିତ୍ତିକରି ବିଭିନ୍ନ ସଡକ ସୁରକ୍ଷା କାର୍ଯ୍ୟକ୍ରମକୁ ପରିବର୍ତ୍ତନ କିମ୍ବା ଆହୁରି ଉନ୍ନତ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସଡକ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ଆଜିଠାରୁ ସଡକ ସୁରକ୍ଷାକୁ ସୁଶାସନ ବା ଏକ୍ସକ୍ଟୟ ଏକ୍ଟଙ୍ଗରକ୍ସଭବଭମରର ଅଂଶ ଭାବେ ଗ୍ରହଣ କରାଗଲା। ଏହାଦ୍ୱାରା ସରକାରୀ ଅଧିକାରୀମାନେ ଏହା ଉପରେ ଅଧିକ ସତର୍କ ରହିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହାକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀ ଆଜି 'ମୁଖ୍ୟମନ୍ତ୍ରୀ ସଡକ ସୁରକ୍ଷା ଯୋଜନା ସମ୍ମାନ' ଘୋଷଣା କରିଥିଲେ। ଏହି ଯୋଜନାରେ ସମସ୍ତ ଜିଲ୍ଲା, ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନ ଗୁଡିକୁ ସଡକ ସୁରକ୍ଷା କ୍ଷେତ୍ରରେ ନେଇଥିବା ପଦକ୍ଷେପକୁ ଭିତ୍ତିକରି ସମ୍ମାନିତ କରାଯିବ। ଯେଉଁ ଜିଲ୍ଲାଗୁଡିକ ଭଲ ପ୍ରଦର୍ଶନ କରିବେ, ସେମାନେ ପୁରସ୍କାର ପାଇବେ ଏବଂ ଯେଉଁମାନଙ୍କ ପ୍ରଦର୍ଶନ ଖରାପ ହେବ, ସେମାନଙ୍କୁ ଉତ୍ତରଦାୟୀ କରାଯିବ। ସେହିପରି ବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନ ଗୁଡିକୁ ମଧ୍ୟ ସଡକ ସୁରକ୍ଷା ପାଇଁ ଗ୍ରହଣ କରିଥିବା ଉତ୍ତମ ପଦକ୍ଷେପ ଭିତ୍ତିରେ ପୁରସ୍କାର ପ୍ରଦାନ କରାଯିବ।

ଏହାଦ୍ୱାରା ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଏବଂ ସମାଜର ପ୍ରତ୍ୟେକ ସ୍ତରରେ ସଡକ ସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧିହେବ ଏବଂ ଦୁର୍ଘଟଣା କମିବାରେ ଏହି ପଦକ୍ଷେପ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ରାଜ୍ୟର ଘାଟିରାସ୍ତା ଗୁଡିକରେ ସଡକ ସୁରକ୍ଷା ପାଇଁ ଏକ ଅନନ୍ୟ ଓ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। କଳିଙ୍ଗା ଘାଟିରେ ଗାଡି ଚ଼ାଳକମାନଙ୍କୁ ସତର୍କ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସୂଚ଼ନା ଘଣ୍ଟିର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ବ୍ୟବସ୍ଥାରେ ଘାଟିର ଉଭୟ ପଟୁ ଗାଡି ଆସୁଥିଲେ ସାଇରନ ବାଜି ସତର୍କ କରାଇବ। ଏହା ଏକ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଛି। ଏହାର ସଫଳତାକୁ ଦେଖି ଅନ୍ୟାନ୍ୟ ଘାଟି ରାସ୍ତାରେ ଏହା ଆରମ୍ଭ କରାଯିବ। ସେହିପରି ଏହି ଅବସରରେ କଟକ ଭୁବନେଶ୍ୱରର ଟ୍ୱିନସିଟିରେ ଉନ୍ନତ ଟ୍ରାଫିକ ପରିଚ଼ାଳନା ପାଇଁ ଆଇଆଇଟି ଖଡଗପୁର ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଥିଲା। ଆଇଆଇଟିର ରିପୋର୍ଟ ପରେ ଏହି ଆଧାରରେ ଦୁଇ ସହରର ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଚ଼ାର୍ଜିଙ୍ଗ ଷ୍ଟେସନର ମଧ୍ୟ ଆବଶ୍ୟକତା ରହିଛି। ଆଜି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୧୫ଟି ଚ଼ାର୍ଜିଙ୍ଗ ଷ୍ଟେସନର ଲୋକାର୍ପଣ କରିଥିଲେ। ସୂଚ଼ନା ଯୋଗ୍ୟ ଯେ ରାଜ୍ୟରେ ଆହୁରି ୮୫ଟି ଚ଼ାର୍ଜିଙ୍ଗ ଷ୍ଟେସନ ନିର୍ମାଣାଧୀନ ଅଛି, ଏଗୁଡ଼ିକ ଖୁବଶୀଘ୍ର ଲୋକାର୍ପିତ ହେବ। ଆଗାମୀ ଦିନରେ ଆହୁରି ଅଧିକ ଚ଼ାର୍ଜିଙ୍ଗ ଷ୍ଟେସନ ନିର୍ମାଣ କରାଯିବ। ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଆଜି ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡକୁ ଲୋକାର୍ପିତ କରିଛନ୍ତି। ୧୫୬.୫୩ କୋଟି ଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡ ଗୁଡିକ ରାଜ୍ୟର ୧୦ଟି ଜିଲ୍ଲାରେ ନିର୍ମିତ ହୋଇଛି। ପୂର୍ବରୁ ୫୫ଟିଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲ୍ଲା, ଉପଖଣ୍ଡ, ପଞ୍ଚାୟତ ସମିତି ଓ ପୌରପାଳିକା ଗୁଡିକରେ ଅଟଳ ବସଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଜି ରାଜ୍ୟ ସଡକ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ମୂଲ୍ୟର ୧୦୦ଟି ନୂତନ ବିଏସ୍-୬ ମାନର ଆଧୁନିକ ବସ୍ ଚ଼ଳାଚ଼ଳର ଶୁଭାରମ୍ଭ କରାଯାଇଛି। ନିଗମର ପୁରୁଣା ବସ୍ ବଦଳରେ ଏହି ସବୁ ପରିବେଶ ଅନୁକୂଳ ଅତ୍ୟାଧୁନିକ ନୂଆ ବସ୍ କିଣାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରିବହନ ନିଗମ ପକ୍ଷରୁ ପରିଚ଼ାଳିତ ବସଗୁଡିକ ପାଇଁ 'କ୍ଲୋଜ୍‌ଡ ଲୁପ୍ ସ୍ମାର୍ଟ ଟ୍ରାନଜିଟ୍ କାର୍ଡ' ବା ସ୍ମାର୍ଟ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହି କାର୍ଡ ବ୍ୟବହାର କରି ଯାତ୍ରୀମାନେ କ୍ୟାସଲେସ୍ ଟିକେଟ୍ କାଟି ସୁବିଧାରେ ଯାତ୍ରା କରିପାରିବେ।

ଏହି ଅବସରରେ ବ୍ରହ୍ମପୁର ଠାରେ କୁଟ୍ ପକ୍ଷରୁ ନିର୍ମିତ ହୋଇଥିବା ଏକ ଅତ୍ୟାଧୁନିକ ବସ୍ ଡିପୋରୁ ୨୫ଟି ନୂତନ ଇ-ବସ୍ ଚ଼ଳାଚ଼ଳର ମଧ୍ୟ ଶୁଭାରମ୍ଭ ହୋଇଥିଲା। ଆଧୁନିକ ପ୍ରଣାଳୀରେ ନିର୍ମିତ ଏହି ଡିପୋ ବ୍ରହ୍ମପୁର ଏବଂ ଏହାର ନିକଟସ୍ଥ ଅଞ୍ଚଳରେ ଇ-ବସ ପରିଚ଼ାଳନା କରିବ।

ସଡକ ଭିତ୍ତିଭୂମି ଓ ସଡକ ସୁରକ୍ଷା କ୍ଷେତ୍ରରେ ଆଜିର ଏହି ଯୁଗାନ୍ତକାରୀ ପଦକ୍ଷେପ ଗୁଡିକ ବିକାଶ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ଆମ ସମସ୍ତଙ୍କର ଲକ୍ଷ୍ୟ ହେଉଛି, ସମୃଦ୍ଧ ଓଡିଶା ବିକଶିତ ଓଡିଶା। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଅତ୍ୟାଧୁନିକ ସଡକ ପରିବହନ, ସୁରକ୍ଷିତ ଟ୍ରାଫିକ ବ୍ୟବସ୍ଥା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଗୁଡିକ ଯେପରି ସଫଳ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ଶେଷ ମୁହୂର୍ତ୍ତରେ ଫେଲ୍ ମାରିଲା ଇସ୍ରୋ ମିଶନ

ହାଇଦ୍ରାବାଦ, ୧୨।୧: ବର୍ଷ ଆରମ୍ଭରୁ ଇସ୍‌ରୋର ପିଏସଏଲଭି-ସି୬୨ ମିଶନ୍ ବିଫଳ ହୋଇଛି। କକ୍ଷପଥରେ ମୁତୟନ ହୋଇପାରିଲା ନାହିଁ ସାଟେଲାଇଟ୍ 'ଅନ୍‌ୱେଷା'। ଅର୍ବିଟ ପୂର୍ବରୁ ଏହା ମହାକାଶରେ ହଜିଯାଇଛି। ଆନ୍ଧ୍ରର ଶ୍ରୀହରିକୋଟା ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଲଞ୍ଚ ହୋଇଥିଲା ପିଏସ୍‌ଏଲ୍‌ଭି-ସି୬୨ ରକେଟ୍। ସୋମବାର ସକାଳ ୧୦ଟା ୧୭ ମିନିଟରେ ଏହା ଉତ୍‌କ୍ଷେପଣ କରାଯାଇଥିଲା। ହେଲେ ଅର୍ବିଟ ପୂର୍ବରୁ ଦିଗ ବଦଳାଇ ମହାକାଶରେ ଗାଏବ ହୋଇଗଲା ସାଟେଲାଇଟ। ଶେଷ ପର୍ଯ୍ୟାୟରେ ଯାନ୍ତ୍ରିକ ତ୍ରୁଟି କାରଣରୁ କକ୍ଷପଥରେ ପହଞ୍ଚି ପାରିଲାନି ସାଟେଲାଇଟ୍ 'ଅନ୍‌ୱେଷା'। କେଉଁଠି ତ୍ରୁଟି ରହିଲା ତାର ବିଶ୍ଳେଷଣ ଚ଼ାଲିଥିବା ଏକ୍ସରେ ସୂଚ଼ନା ଦେଇଛି ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍‌ରୋ)।

## ଦୁର୍ଘଟଣାରେ ଦୁଇ ଭାଇଙ୍କ ମୃତ୍ୟୁ

ରାୟଗଡ଼ା, ୧୨।୧ (ନି.ପ୍ର.): ରାୟଗଡ଼ା ଜିଲ୍ଲା ଗୁଣପୁର ସହର ଲିମାପଡା ମୁଖ୍ୟ ରାସ୍ତାରେ ଏକ ଅଘଟଣ ଘଟିଯାଇଛି । ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଯାହା ଫଳରେ ଦୁଇ ଭାଇଙ୍କ ଜୀବନ ଚ଼ାଲିଯାଇଛି। ମୃତକ ଦୁଇ ଭାଇ ମୁନା କିମ୍ବାକା ଓ କ୍ରିଷ୍ଣା କିମ୍ବାକ ବୋଲି ଜଣାପଡିଛି । ସୂଚ଼ନା ଅନୁସାରେ ଦୁଇ ଭାଇ କୌଣସି କାମରେ ଗୁଣୁପୁରକୁ ଆସିଥିଲେ। ସେଠାରୁ କାମ ସାରି ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଲିମାପଡ଼ା ନିକଟ ମୁଖ୍ୟ ରାସ୍ତାରେ ବାଇକଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା । ଯାହାଫଳରେ ଦୁଇ ଜଣ ରାସ୍ତାକଡ଼କୁ ଛିଟିକି ପଡିଥିଲେ । ପରେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଓ ପୋଲିସ ସେମାନଙ୍କୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ସୁଦ୍ଧା ଡାକ୍ତର ସେଠାରେ ଦୁଇ ଭାଇଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ଗୁଣୁପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି ।

## ଡିସେମ୍ବରରେ ବଢିଗଲା ଖୁଚୁରା ଦରଦାମ୍

ନୂଆଦିଲ୍ଲୀ, ୧୨।୧: ଭାରତର ବାର୍ଷିକ ଖୁଚୁରା ମୁଦ୍ରାସ୍ଫୀତି ଡିସେମ୍ବର ମାସରେ ୩ ମାସର ସର୍ବୋଚ୍ଚ ସ୍ତର ୧.୩୩% ରେ ପହଞ୍ଚିଛି। ନଭେମ୍ବର ମାସରେ ଏହି ହାର ୦.୭୧% ଥିଲା। ଖାଦ୍ୟ ପଦାର୍ଥର ଦର ହ୍ରାସ ପ୍ରକ୍ରିୟା ମନ୍ଥର ହେବା କାରଣରୁ ମୁଦ୍ରାସ୍ଫୀତିରେ ଏହି ବୃଦ୍ଧି ଘଟିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଡିସେମ୍ବରରେ ଖାଦ୍ୟ ସାମଗ୍ରୀର ମୂଲ୍ୟରେ ୨.୭୧% ହ୍ରାସ ଘଟିଛି, ଯାହା ନଭେମ୍ବରରେ ୩.୯୧% ଥିଲା। ପନିପରିବା ଦରରେ ମଧ୍ୟ ହ୍ରାସ ଜାରି ରହିଛି, କିନ୍ତୁ ଏହାର ଗତି ପୂର୍ବ ଅପେକ୍ଷା କମ୍ ରହିଛି। ନଭେମ୍ବରରେ ପନିପରିବା ଦର ୨୨.୨୦% କମିଥିବା ବେଳେ ଡିସେମ୍ବରରେ ଏହା ୧୮.୪୭% ହ୍ରାସ ପାଇଛି।

## ଭୁବନେଶ୍ୱରର ନବକଳେବର

### ୩୦୦କୁ ବଢିବ ବିଧାନସଭା ସିଟ୍ କ୍ଷମତା, ନୂଆ ଲୋକସଭା ଭବନ ପଡ଼ିଲା ଭିତ୍ତି, ଜୟଦେବ ବିହାର-ନନ୍ଦନକାନନ ଏଲିଭେଟେଡ୍ କରିଡର





ଭୁବନେଶ୍ୱର, ୧୨।୧ (ନି.ପ୍ର.): ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟ ପୂର୍ତ୍ତ ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଭୁବନେଶ୍ୱରର ଯେପରି କାୟାକଳ୍ପ ହେବ, ତାକୁ ଦୃଷ୍ଟିରେ ରଖି ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୯୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ମୁଖ୍ୟମନ୍ତ୍ରୀ ଏକ ନୂଆ ଏଲିଭେଟେଡ୍ କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ଜୟଦେବ ବିହାର ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକରେ ଚ଼ାରିଟି ଫ୍ଲାଏ-ଓଭର ନିର୍ମାଣ କରାଯିବ। ଏହାଦ୍ୱାରା ରାଜ୍ୟର ଏକ ଗହଳିପୂର୍ଣ୍ଣ ସଡକରେ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆସିବ ଏବଂ ଜନସାଧାରଣ କମ୍ ସମୟ ମଧ୍ୟରେ ସୁବିଧାରେ ଯିବାଆସିବା କରିପାରିବେ ।

ସେହିପରି ରାଜ୍ୟରେ ଏକ ନୂତନ ଅତ୍ୟାଧୁନିକ ଲୋକସେବା ଭବନ ନିର୍ମାଣ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ରଖାଯାଇଛି। ୭୧.୧୩ ଏକର ଜାଗାରେ ଗୋଟିଏ କ୍ୟାମ୍ପସ ଭିତରେ ଲୋକସେବା ଭବନ ଓ ରାଜ୍ୟ ବିଧାନସଭା ରହିବ। ଡିଲିମିଟେସନକୁ ଦୃଷ୍ଟିରେ ରଖି ବିଧାନସଭାକୁ ୩୦୦ ଆସନ ବିଶିଷ୍ଟ କରାଯିବ। ଏଥିପାଇଁ ୩,୬୨୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।

ଆଜି ମୁଖ୍ୟମନ୍ତ୍ରୀ ପୂର୍ତ୍ତ ବିଭାଗର ୬,୭୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ସମୁଦାୟ ୭୧ଟି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏଥି ମଧ୍ୟରୁ ପ୍ରାୟ ୫,୬୩୦ କୋଟି ଟଙ୍କା ବିନିଯୋଗରେ ୩୯ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ, ପ୍ରାୟ ୧,୦୭୦ କୋଟି ଟଙ୍କା ବିନିଯୋଗରେ ୩୨ ଟି ପ୍ରକଳ୍ପର ଲୋକାର୍ପଣ କରିଥିଲେ। ୧୪୭ରୁ ୨୦୦ ହୋଇପାରେ ଓଡ଼ିଶା ବିଧାନସଭାର ସିଟ୍ ସଂଖ୍ୟା। ନୂଆ ବିଧାନସଭା ଗୃହ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏନେଇ ବଡ଼ ସଙ୍କେତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ। ବିଧାନସଭାରେ ବର୍ତ୍ତମାନ ୧୪୭ ସିଟ୍ ରହିଛି, ଡିଲିମିଟେସନ୍‌ରେ ସିଟ୍ ବଢ଼ିପାରେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ତେବେ ନୂଆ ବିଧାନସଭାରେ ୨ ଶହ ପାଖାପାଖି ବିଧାୟକ ରହିପାରନ୍ତି। ପ୍ରାୟ ୫୦ ପାଖାପାଖି ସିଟ୍ ବଢ଼ିବାର ସମ୍ଭାବନା ରହିଛି। 'ଆଗାମୀ ୫୦/୧୦୦ ବର୍ଷକୁ ଦୃଷ୍ଟିରେ ରଖି ୩ ଶହ ସିଟ୍‌ର ବ୍ୟବସ୍ଥା ରହିବ ବୋଲି ସେ କହିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଏଭଳି କହି କଣ ଇଶାରା ଦେଇଛନ୍ତି ବୋଲି ଚ଼ର୍ଚ୍ଚା ବଢ଼ିବାରେ ଲାଗିଛି। ଆଗକୁ ବିଧାନସଭା ସିଟ ମଧ୍ୟ ବଢ଼ିପାରେ ବୋଲି ଚ଼ର୍ଚ୍ଚା ହେଉଛି।

## ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟାଳୟ ଠିକଣାର ହେବ ପରିବର୍ତ୍ତନ

ନୂଆଦିଲ୍ଲୀ, ୧୨।୧ (ନି.ପ୍ର.): ବଦଳିବ ମୋଦିଙ୍କ କାର୍ଯ୍ୟାଳୟର ଠିକଣା। ସମ୍ଭବତଃ ଏହି ମାସରେ ତାଙ୍କର ନୂତନ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ ହେବେ ପ୍ରଧାନମନ୍ତ୍ରୀ। ମୋଦିଙ୍କ ନୂତନ କାର୍ଯ୍ୟାଳୟ ପ୍ରସ୍ତୁତ ହୋଇସାରିଥିବା ବେଳେ ଏହାକୁ ଏବେ ଶେଷ ସ୍ପର୍ଶ ଦିଆଯାଉଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ୟାବିନେଟ ସଚ଼ିବାଳୟ ଏବଂ ଜାତୀୟ ସୁରକ୍ଷା ପରିଷଦ ସଚ଼ିବାଳୟକୁ ନୂତନ ସେବା ତୀର୍ଥ କମ୍ପ୍ଲେକ୍ସରେ ଏକତ୍ର କରାଯାଇଛି।

ସେବା ତୀର୍ଥ କମ୍ପ୍ଲେକ୍ସ ବିଜୟ ଚୌକ ନିକଟରେ ରାଇସିନା ହିଲର ପାଦଦେଶରେ ନିର୍ମିତ ହୋଇଛି। ଏଥିରେ ତିନୋଟି ହାଇ-ଟେକ୍ କୋଠା ଅଛି: ସେବା ତୀର୍ଥ ୧, ସେବା ତୀର୍ଥ ୨, ଏବଂ ସେବା ତୀର୍ଥ ୩। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସେବା ତୀର୍ଥ ୧ ରେ ଅବସ୍ଥିତ ହେବ। କ୍ୟାବିନେଟ ସଚ଼ିବାଳୟକୁ ପୂର୍ବରୁ ସେବା ତୀର୍ଥ ୨ କୁ ସ୍ଥାନାନ୍ତର କରାଯାଇଛି। ସେବା ତୀର୍ଥ ୩ ରେ ଜାତୀୟ ସୁରକ୍ଷା ପରିଷଦ ସଚ଼ିବାଳୟ ରହିବ, ଯେଉଁଠାରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ରହିବେ।

## ୪୬ ଜଣଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ



କଟକ, ୧୨।୧ (ନି.ପ୍ର.): ଆଜି କଟକସ୍ଥିତ ଆର.କେ. ପାଢୀ ମେମୋରିଆଲ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ୪୬ ଜଣ ପୋଲିସ ଅଧିକାରୀ ଓ କର୍ମଚ଼ାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ କରି ସମ୍ମାନିତ କରିଛନ୍ତି। ପୋଲିସ ଅଧିକାରୀ ଓ କର୍ମଚ଼ାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ନିମନ୍ତେ ଡିଜିପି ଖୁରାନିଆ ଆନୁଷ୍ଠାନିକ ଭାବେ ପଦକ ଓ ମାନପତ୍ର ପ୍ରଦାନ କରିଛନ୍ତି ।

ପଦକ ପ୍ରାପ୍ତମାନଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ଆଇଜି ଡ. ସତ୍ୟଜିତ ନାଏକ, ରାୟଗଡା ଏସପି ସ୍ୱସ୍ତି ଏସ. କୁମାର, କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା, ଝାରସୁଗୁଡା ଏସପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର, କନ୍ଧମାଳ ଏସପି ହରିଶ ବି.ସି., ଗଜପତି ଏସପି ଯତୀନ୍ଦ୍ର କୁମାର ପଣ୍ଡା, କମାଣ୍ଡାଣ୍ଟ ପ୍ରଫୁଲ୍ଲ କୁମାର ସିଂହଙ୍କ ସହିତ ୩ ଜଣ ଅତିରିକ୍ତ ଏସପି, ୫ ଜଣ ଡିଏସପି, ୫ ଜଣ ଇନ୍‌ସପେକ୍ଟର, ୭ ଜଣ ସବ୍-ଇନ୍‌ସପେକ୍ଟର, ୫ ଜଣ ଆସିଷ୍ଟାଣ୍ଟ ସବ୍-ଇନ୍‌ସପେକ୍ଟର, ୫ ଜଣ ହାବିଲଦାର ଓ ୯ ଜଣ କନଷ୍ଟେବଳ/ଓଏପିଏଫ/ସିପାହୀ ଅନ୍ତର୍ଭୁକ୍ତ ଥିଲେ ।

ଏହି ଅବସରରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଚେଙ୍କ ସମେତ ଅନେକ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଶ୍ରୀ ପ୍ରତୀକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା।

## ବିକଶିତ ଓଡ଼ିଶା ପାଇଁ ଆଗାମୀ ୧୦ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨।୧ (ନି.ପ୍ର.): ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର କରିବା ପାଇଁ ହେଲେ ପ୍ରତିଟି ଓଡ଼ିଆଙ୍କୁ ନିଜର ଦାୟିତ୍ୱବୋଧ ବୁଝିବାକୁ ହେବ । ଓଡ଼ିଶାକୁ ଅପପୁଷ୍ଟିରୁ ମୁକ୍ତ କରିବା, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବାରଣ କରିବା, ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ଗୋଟିଏ ଗୋଟିଏ ପାଦ ଆଗକୁ ବଢାଇବାକୁ ହେବ । ଯେତେବେଳେ ଆମେ ନିଜର ଦାୟିତ୍ୱକୁ ଠିକ୍ ଭାବେ ବୁଝିପାରିବା, ସେତେବେଳେ ବିକଶିତ ଓଡ଼ିଶା ମାଧ୍ୟମରେ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ଏବଂ ସମସ୍ତଙ୍କ ଅଧିକାର ପୂରା ହୋଇପାରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ନୂଆଦିଲ୍ଲୀ ଠାରେ 'ବିକଶିତ ଭାରତ ୟଙ୍ଗ୍ ଲିଡର ଡାଏଲୋଗ୍ - ୨୦୨୬' ପାଇଁ ମନୋନୀତ ହୋଇଥିବା ଓଡ଼ିଶାର ଯୁବ ପ୍ରତିନିଧିଙ୍କ ସହ ଆଲୋଚ଼ନା କରିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି, ବିକଶିତ ଭାରତ ଡାଏଲୋଗର ପ୍ରକୃତ ଉଦ୍ଦେଶ୍ୟ ହେଉଛି ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚ଼ନକୁ ଆଣିବା ତଥା 'ବଣମଲ୍ଲୀକୁ ପାରିଜାତ ପୁଷ୍ପରେ' ରୂପାନ୍ତରିତ କରିବା । ଆଲୋଚ଼ନା କାଳରେ ଅଂଶଗ୍ରହଣକାରୀଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ପ୍ରଧାନ କହିଛନ୍ତି, ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଆମ ଦେଶରେ ଜାତୀୟ ଶିକ୍ଷା ନୀତି ଲାଗୁ କରାଯାଇଛି । ଏହି ନୀତି କେବଳ ସହର ନୁହେଁ, ବରଂ ଗ୍ରାମାଞ୍ଚଳର ପିଲାମାନଙ୍କ ପାଇଁ ମଧ୍ୟ ସମାନ ସୁଯୋଗ ସୃଷ୍ଟି କରୁଛି । ଏହି ନୂତନ ଶିକ୍ଷା ନୀତିର ସବୁଠାରୁ ବଡ଼ ଶକ୍ତି ହେଉଛି ଟେକ୍ନୋଲୋଜି ।



ଆଜିର ଏଆଇ ଯୁଗରେ ଭାଷା ଆଉ ବାଧକ ହୋଇ ରହିବ ନାହିଁ । ଆଇଆଇଟି ମାଡ୍ରାସରେ ଯେଉଁ ଜଟିଳ ବିଷୟ ଇଂରାଜୀରେ ପଠାଯାଉଛି, ଏଆଇ ସାହାଯ୍ୟରେ ତାହା ଆମ ମାତୃଭାଷାରେ ରୂପାନ୍ତରିତ ହୋଇପାରୁଛି । ଏହାର ଅର୍ଥ, ଆଗାମୀ ଦିନରେ ଆମ ରାଇରଙ୍ଗପୁର କିମ୍ବା କୋରାପୁଟର ଜଣେ ଛାତ୍ର ମଧ୍ୟ ବିଶ୍ୱସ୍ତରୀୟ ଶିକ୍ଷା ନିଜ ଭାଷାରେ ପାଇପାରିବେ । ଏଆଇ କ୍ଷେତ୍ରରେ କାମ କରୁଥିବା 'ସରଭମ୍' ର ସହପ୍ରତିଷ୍ଠାତା ଓଡ଼ିଆ ପୁଅ ପ୍ରତ୍ୟୁଷ କୁମାର ଓଡ଼ିଶାର ଗୌରବ ବଢାଇଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି, ବର୍ଷ ବର୍ଷ ଧରି ଆମେ ମାକାଉଲେଙ୍କ ଦ୍ୱାରା ପ୍ରଣୀତ ଶିକ୍ଷା ବ୍ୟବସ୍ଥାରେ ବାନ୍ଧି ହୋଇ ରହିଥିଲେ, ଯେଉଁଠି କେବଳ ଡିଗ୍ରୀକୁ ମାନ୍ୟତା ମିଳୁଥିଲା। କିନ୍ତୁ ଆଜି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମେ 'ଡିଗ୍ରୀ ଅପେକ୍ଷା ଦକ୍ଷତା'କୁ ପ୍ରାଥମିକତା ଦେଉଛୁ । ସ୍କୁଲ ସ୍ତରରୁ ହିଁ ପିଲାମାନେ ନିଜ ରୁଚି ଅନୁସାରେ କୋଡିଂ, ସଙ୍ଗୀତ, କ୍ରୀଡ଼ା କିମ୍ବା ବୈଷୟିକ ଶିକ୍ଷା ଗ୍ରହଣ କରିପାରିବେ । ଆଇଆଇଟି ଭଳି ସମ୍ମାନଜନକ ଶିକ୍ଷାନୁଷ୍ଠାନରେ ସ୍ପୋର୍ଟ୍ସ କୋଟା ଆରମ୍ଭ ହେବା ଆମ ଶିକ୍ଷା ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସେ କହିଥିଲେ ।

ଆମ ଦେଶ ଜ୍ଞାନ ଆଧାରିତ ଅର୍ଥନୀତି ଦିଗରେ ଅଗ୍ରସର ହେଉଥିବା ବେଳେ ନୂଆପିଢିର ପିଲାମାନଙ୍କୁ ଆଧୁନିକ ଦୁନିଆ ସହ ରୋଜଗାର ଦେବା ପାଇଁ ଏବେଠାରୁ ପ୍ରସ୍ତୁତ କରାଇବାକୁ ହେବ । ସେମାନଙ୍କୁ ନିଯୁକ୍ତି କରିବା ନୁହେଁ ବରଂ ନିଯୁକ୍ତିଦାତା କରାଇବା ପାଇଁ କର୍ତ୍ତବ୍ୟ କରିବାକୁ ହେବ । ୧୦୦ କ୍ୟୁବ୍ ତନ୍ମଧ୍ୟରୁ ଗୋଟିଏ କର୍ତ୍ତବ୍ୟ । ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ଶତାବର୍ଷିକୀ ପାଳନ କରିବା ବେଳେ ସ୍ଥାପନା ହେବାକୁ ଥିବା ୧୦୦ଟି ଷ୍ଟାର୍ଟଅପର ପ୍ରତ୍ୟେକ ଷ୍ଟାର୍ଟଅପର ମୂଲ୍ୟ ଆନୁମାନିକ ମୂଲ୍ୟ ୧୦୦ କୋଟି ଟଙ୍କା ହେବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ ।

## ଡାହୁକ



ଘର ଡିଙ୍କି ଏଠି କୁମ୍ଭୀର ସାଜୁଛି
ଫସଲ ଖାଉଛି ବାଡ଼
ଏରୁଣ୍ଡି ଡେଇଁଲେ ଉର
ପଦକ୍ଷେପ କଡ଼ା ସିଜୁନେଇଁ ଖଡ଼ା
ଏମିତି ଏ ସରକାର।
-ବିଧୂ

ମଙ୍ଗଳବାର, ୧୩ ଜାନୁଆରୀ ,୨୦୨୬ ଭୁବନେଶ୍ୱର
TUESDAY, 13 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ୟୁପି, ଗୁଜରାଟରେ ବିଦେଶୀଙ୍କ ସଂଖ୍ୟା ସର୍ବାଧିକ

ଦେଶରେ ଭୋଟର ତାଲିକା ଯାଂଚ ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ଚାଲିଥିବା ବହୁଚର୍ଚ୍ଚିତ ସ୍ପେଶାଲ ଇଟେଂନସିଭ ରିଭିଜନ (ଏସଆଇଆର)ର ଦ୍ୱିତୀୟ ପର୍ଯ୍ୟାୟ ଚିଠା ତାଲିକାରୁ ବାଦ୍ ପଡିଥିବା ମୋଟ ଭୋଟରଙ୍କ ସଂଖ୍ୟା ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣର ପ୍ରସଙ୍ଗ ପାଲଟିଛି ବୋଲି କୁହାଯାଇପାରିବ। ଦ୍ୱିତୀୟ ପର୍ଯ୍ୟାୟରେ ୯ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଏସଆଇଆର ଚିଠା ତାଲିକାରୁ ମୋଟ ୬କୋଟି ୫୬ଲକ୍ଷ ଭୋଟର ବାଦ ପଡିଛି। ଯାହାକି ଏହି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ମୋଟ ଜନସଂଖ୍ୟାର ୧୩ପ୍ରତିଶତ ଥିବା କୁହାଯାଏ। ଏହା ନିସନ୍ଦେହ ଯେ, ଏସଆଇଆର ପରେ ଏତେ ସଂଖ୍ୟକ ଭୋଟଦାତା ବାଦ୍ ପଡିବା ନିଶ୍ଚିତ ଭାବରେ ଉଭୟ ଶାସକ ଓ ବିରୋଧି ଦଳଙ୍କୁ ବିଚଳିତ କରିଛି। ଦେଶର ସର୍ବବୃହତ ତଥା ଜନବହୁଳ ରାଜ୍ୟ ଭାବେ ଜଣାଶୁଣା ଉତରପ୍ରଦେଶରେ ଯେଉଁଠି ବଜେପି କ୍ରମାଗତ ଦ୍ୱିତୀୟଥର ଲାଗି କ୍ଷମତାରେ ରହିଛି, ସେଠାରେ ମୋଟ ୨କୋଟି ୮୯ଲକ୍ଷ ଭୋଟଦାତା ବାଦ୍ ପଡୁଛନ୍ତି। ଫଳସ୍ୱରୁପ ଉତରପ୍ରଦେଶରେ ମୋଟ ୧୫କୋଟି ୪୪ଲକ୍ଷ ଭୋଟରଙ୍କ ମଧ୍ୟରୁ ଏବେ ଏସଆଇଆର ପରେ ଭୋଟ ଦାତାଙ୍କ ସଂଖ୍ୟା ୧୨କୋଟି ୫୫ଲକ୍ଷକୁ ହ୍ରାସ ପାଇଛି। ସେହିପରି ବିଜେପି ଶାସନାଧୀନ ଗୁଜରାଟରେ ଏସଆଇଆର ଚିଠା ତାଲିକାରୁ ୭୦ଲକ୍ଷ ଭୋଟ ବାଦ ପଡିଥିବା ବେଳେ ଡିଏମକେ ଶାସନାଧିନ ତାମିଲନାଡୁରେ ୯୭ଲକ୍ଷ ଏବଂ ତୃଣମୂଳ କଂଗ୍ରେସ (ଟିଏମସି) କ୍ଷମତାରେ ଥିବା ପଶ୍ଚିମବଙ୍ଗରେ ୫୮ଲକ୍ଷ ବାଦ୍ ପଡିଛନ୍ତି। ଦେଶର ଏହି ବୃହତ ୪ଟି ରାଜ୍ୟରେ ମୋଟ ୫କୋଟି ୧୪ଲକ୍ଷ ଭୋଟଦାତାଙ୍କ ବାଦ୍ ପଡିଥିବାବେଳେ ଅବଶିଷ୍ଟ ୧କୋଟି ୪୨ଲକ୍ଷ ଭୋଟର ୫ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ବାଦ୍ ପଡିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏସଆଇଆର ଶେଷ ହୋଇଥିବା ପଶ୍ଚିମବଙ୍ଗରେ ଚଳିତ ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଉତରପ୍ରଦେଶରେ ଆସନ୍ତା ବର୍ଷ ନିର୍ବାଚନ ହେବ। କହିବା ବାହୁଲ୍ୟ ଯେ, ଉତରପ୍ରଦେଶ ଏବଂ ଗୁଜରାଟରେ ସର୍ବାଧିକ ସଂଖ୍ୟାକ ଭୋଟଦାତା ବାଦ୍ ପଡିଛନ୍ତି। ଯେଉଁଠି କି ବେଆଇନ ଅନୁପ୍ରବେଶକାରୀଙ୍କ ସଂଖ୍ୟା ସର୍ବାଧିକ ରହିଛି। କିନ୍ତୁ ଏହା ନିସନ୍ଦେହ ଯେ, ବେଆଇନ ଅନୁପ୍ରବେଶକାରୀଙ୍କ ସଂଖ୍ୟା ନେଇ ପଶ୍ଚିମବଙ୍ଗରେ ଟିଏମସି ମୁହଁରେ କଳା ବୋଳିବା ପାଇଁ ବିଜେପି ପ୍ରୟାସ କରୁଥିବା କାହାରିକୁ ଅଛପା ନୁହେଁ କିନ୍ତୁ ବାସ୍ତବ କ୍ଷେତ୍ରରେ ସର୍ବାଧିକ ସଂଖ୍ୟାକ ଭୋଟଦାତା ବାଦ୍ ପଡିବା ଘଟଣା ବିଜେପି ନେତୃତ୍ୱ ବିଚଳିତ ହୋଇପଡିଥିବା କୁହାଯାଏ। କିନ୍ତୁ ପଶ୍ଚିମବଙ୍ଗରେ ସର୍ବାଧିକ ସଂଖ୍ୟାକ 'ମତୁଆ' ସଂପ୍ରଦାୟ, ଯେଉଁମାନେ କି ଅତୀତରେ ବଙ୍ଗଳାଦେଶ ତଥା ପୂର୍ବରୁ ପୂର୍ବ-ପାକିସ୍ଥାନରୁ ଆସିଥିଲେ, ସେମାନଙ୍କୁ ନେଇ ବିଜେପି ଆସନ୍ତା ନିର୍ବାଚନରେ ମୁଖ୍ୟ ରାଜନୈତିକ ପ୍ରସଙ୍ଗ କରିବାକୁ ଏସଆଇଆର ଖୋରାକ ଯୋଗାଇଛି ବୋଲି କୁହାଯାଇପାରେ। ତେବେ ଚୂଡାନ୍ତ ଏସଆଇଆର ତାଲିକାରେ ଭୋଟଦାତାଙ୍କର ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅର୍ଥାତ ବାଦ୍ ପଡିଥିବା ଭୋଟରଙ୍କ ସଂଖ୍ୟା ହ୍ରାସ ପାଇବ। ଉଭୟ ବିଜେପି ଓ ଟିଏମସି ସମେତ ସମସ୍ତ ରାଜନୈତିକ ଦଳଗୁଡିକ ବାଦ୍ ପଡିଥିବା ଭୋଟଦାତାଙ୍କ ନାମ ପୁନର୍ବାର ଯୋଡିବା ପାଇଁ ପ୍ରୟାସ ଜାରି ରଖିଛନ୍ତି, ଯାହା ସେମାନଙ୍କ ତତ୍‌ପରତା ସଂକେତ ପ୍ରଦାନ କରେ। ଏହା ନିସନ୍ଦେହ ଯେ, ଭୋଟର ତାଲିକାରୁ ବେଆଇନ ଭୋଟଦାତାଙ୍କୁ ହଟାଇବା ନିର୍ବାଚନ କମିଶନଙ୍କ ଲକ୍ଷ୍ୟ। ଏସଆଇଆର ପାଇଁ ତଥା ଭୋଟର ତାଲିକାରୁ ବିଦେଶୀଙ୍କ ନାମ ହଟାଇବା ଲାଗି ନିର୍ବାଚନ କମିଶନଙ୍କୁ ସମ୍ବିଧାନ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛି। ନିକଟରେ ନିର୍ବାଚନ କମିଶନ ସୁପ୍ରିମକୋର୍ଟରେ ଦାଏର କରିଥିବା ସତ୍ୟପାଠରେ କହିଛନ୍ତି ଯେ, କେବଳ ଦେଶର ନାଗରିକମାନଙ୍କୁ ନାମ ଭୋଟର ତାଲିକାରେ ନିଶ୍ଚିତ କରାଇବା ଏବଂ କୌଣସି ବିଦେଶୀ ଯେପରି ଭୋଟର ତାଲିକାରେ ସ୍ଥାନ ନପାଆନ୍ତି, ସେଥିପ୍ରତି ଅଧିକ ଯତ୍ନବାନ ଅଛନ୍ତି କିନ୍ତୁ ଦେଶର ଜଣେ ହେଲେ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନପଡନ୍ତି ଅବା ସାମ୍ବିଧାନିକ ଅଧିକାରୁ ବଂଚିତ ନହୁଅନ୍ତି, ସେଥିପ୍ରତି କେବଳ ନିର୍ବାଚନ କମିଶନ ନୁହଁନ୍ତି, ସୁପ୍ରିମକୋର୍ଟ, କେନ୍ଦ୍ର ସରକାର ଏବଂ ରାଜନୈତିକ ଦଳଗୁଡିକ ସର୍ବାଧିକ ଧ୍ୟାନ ଦେବାର ସମୟ ଏବେ ଆସିଛି।

# ପ୍ରେମମୟ ଶ୍ରୀସତ୍ୟସାଇ ଓ ଆଇନ ବୃତ୍ତିରେ ପ୍ରବେଶର ଅୟମାରମ୍ଭ

## ସୌର ଚନ୍ଦ୍ର ମହାପାତ୍ର

ଭଗବାନ ଶ୍ରୀସତ୍ୟସାଇ ବାବା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇ କହିଛନ୍ତି - 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ'। ବାବା ପୁଣି କହିଛନ୍ତି - 'ତମେ ମୋ ପାଖକୁ ପାଦେ ଆସିଲେ - ମୁଁ ତୁମ ପାଖକୁ ଶହେ ପାଦ ଯିବି'। ସ୍ୱାମୀଙ୍କର ପ୍ରାତଃ ସ୍ମରଣୀୟ ବାଣୀଟି ହେଉଛି - 'ଯେଉଁଠି ବିଶ୍ୱାସ ଅଛି - ସେଠାରେ ପ୍ରେମ ଅଛି, ଯେଉଁଠି ପ୍ରେମ ଅଛି - ସେଥିରେ ଶାନ୍ତି ଅଛି, ଯେଉଁଠି ଶାନ୍ତି ଅଛି - ସେଠାରେ ସତ୍ୟ ଅଛି, ଯେଉଁଠି ସତ୍ୟ ଅଛି - ସେଠାରେ ଆନନ୍ଦ ଅଛି, ଯେଉଁଠି ଆନନ୍ଦ ଅଛି - ସେଠାରେ ଈଶ୍ୱର ଅଛନ୍ତି'। ଭଗବାନ ବାବାଙ୍କର ଏ ଦିବ୍ୟ ବାଣୀ କିପରି ଭାବରେ ମୋର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରିଛି ତାହା ଉଲ୍ଲେଖ କରୁଛି।

ପୁଟପର୍ତ୍ତିରୁ କଟକକୁ ଫେରିବା ପରେ କିଛି ଦିନ ଅତିକ୍ରାନ୍ତ ହେଲା। ଉପରୋକ୍ତ ଭଦ୍ର ବ୍ୟକ୍ତିଙ୍କୁ ସାକ୍ଷାତ କଲି ତାଙ୍କ ପରାମର୍ଶରେ ମୋ ଆଇନ ଡିଗ୍ରୀର ରେଜଲ୍ଟ ବାହାରିବା ପରେ ମୁଁ ଆଇନ ବୃତ୍ତିରେ ଯୋଗ ଦେବା ପାଇଁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦରେ ପଞ୍ଜୀକରଣ କରିବା ପାଇଁ ଦରଖାସ୍ତ କଲି। ତାଙ୍କୁ ଦେଖା କରିବା ପରେ - 'ଆଇନର କେଉଁ ବିଭାଗରେ କାର୍ଯ୍ୟ କରିବା ପାଇଁ ଆଗ୍ରହୀ' ବୋଲି ପ୍ରଶ୍ନ କରିଥିଲେ। ମୋର ଅଜାଣତରେ ଫୌଜଦାରୀ ଆଇନରେ ମୁଁ କାର୍ଯ୍ୟ କରିବା ପାଇଁ ଅକସ୍ମାତ ମୋ ପାଟିରୁ ବାହାରିବାରୁ ସେ କାହା ଅଧୀନରେ କାର୍ଯ୍ୟ ଶିକ୍ଷା କରିବା ପାଇଁ ଇଚ୍ଛୁକ ବୋଲି ମୋତେ ପଚାରିଥିଲେ। ସେତେବେଳେ ଫୌଜଦାରୀ ଆଇନରେ ପ୍ରତିଷ୍ଠା ଅର୍ଜନ କରିଥିବା ଓ ମୁଁ ଜାଣିଥିବା କଟକର ବିଶିଷ୍ଟ ଫୌଜଦାରୀ ଓକିଲଙ୍କ ଭିତରେ ଚାରି ପାଞ୍ଚଜଣଙ୍କ ନାମ କହିବାରୁ ତତ୍କାଳୀନ ସମୟର ବିଶିଷ୍ଟ ଫୌଜଦାରୀ ଆଇନଜ୍ଞଭାବେ ପ୍ରତିଷ୍ଠିତ ଥିବା ସ୍ୱର୍ଗତଃ ଭିକାରୀ ଚନ୍ଦ୍ର ପଣ୍ଡାଙ୍କ ଶିରସ୍ତାକୁ ମୋତେ ସାଙ୍ଗରେ ଧରି ଏକ ରବିବାର ଦିନ ଯାଇଥିଲେ।

ମୁଁ ବାହାରେ ଅପେକ୍ଷା କରିଥିବାବେଳେ ସେ ସ୍ୱର୍ଗତଃ ଭିକାରୀ ବାବୁଙ୍କ ସହିତ କିଛି ସମୟ ଆଲୋଚନା ପରେ ମୋତେ ସାଙ୍ଗରେ ଧରି ତାଙ୍କ ପାଖକୁ ନେଇ ଯାଇଥିଲେ। ଜୀବନରେ ପ୍ରଥମ ଥର ପାଇଁ ସ୍ୱର୍ଗତଃ ଭିକାରୀ ବାବୁଙ୍କ ଦେଖିବା ସହିତ ତାଙ୍କ ବ୍ୟକ୍ତିତ୍ୱରେ ମୁଁ ପ୍ରଭାବିତ ହୋଇଥିଲି। ଆଇନ ବୃତ୍ତିରେ ଆଦର୍ଶ, ନିଷ୍ଠା, ସେବାକୁ ଆଧାର କରି ବହୁ ପରିଶ୍ରମ କରିବାକୁ ପଡ଼ିବ ବୋଲି ସେ ମୋତେ ଉପଦେଶ ଦେବା ସହିତ ତାଙ୍କ ଅଧୀନରେ ଅନେକ ଜୁନିଅର ଥିବାରୁ ସେଠାରେ ମୁଁ ପ୍ରକୃତ କାର୍ଯ୍ୟ ଶିଖିବାରେ ଅସୁବିଧା ହେବ ବୋଲି କହି ମୋତେ ନିରାଶ ନକରି ଏକ ପ୍ରସ୍ତାବ ଦେଇଥିଲେ। ସେ ମୋତେ ତାଙ୍କ ସାନଭାଇ ସ୍ୱର୍ଗତଃ ବ୍ରହ୍ମାନନ୍ଦ ପଣ୍ଡା (ବରିଷ୍ଠ ଆଇନଜୀବୀ, ନୀଳଚକ୍ରର ପ୍ରତିଷ୍ଠାତା ସଭାପତି ଓ ଜଗତସିଂହପୁର ଲୋକସଭା ମାନ୍ୟବର ସଦସ୍ୟ) ଶିରସ୍ତାରେ ରହି କାର୍ଯ୍ୟ ଶିଖିବା ପାଇଁ ପ୍ରସ୍ତାବ ଦେଇଥିଲେ। କାରଣ ସ୍ୱର୍ଗତଃ ବ୍ରହ୍ମାନନ୍ଦ ପଣ୍ଡା ସେତେବେଳେ ଏକକ ଭାବରେ ତାଙ୍କର ଆଇନବୃତ୍ତି କରୁଥିଲେ ଓ ତାଙ୍କ ପାଖରେ ସହଯୋଗୀ ଭାବେ କୌଣସି ଜୁନିଅର ନଥିଲେ। ତାଙ୍କ ନିର୍ଦ୍ଦେଶରେ ସେହିଦିନ ମୁଁ ସ୍ୱର୍ଗତଃ ବ୍ରହ୍ମାନନ୍ଦ ପଣ୍ଡାଙ୍କ ଶିରସ୍ତାରେ ଯୋଗ ଦେଲି। ସେ ମୋତେ ଅତି ସ୍ନେହ, ଆଦର ସହିତ ମୋତେ ତାଙ୍କର ସହଯୋଗୀ ହିସାବରେ ଗ୍ରହଣ କଲେ ଓ ମୋ ଲାଇସେନ୍ସ ପାଇବା ପରେ ତାଙ୍କ ଶିରସ୍ତାକୁ ସକାଳେ, ସନ୍ଧ୍ୟାରେ ମୋ ବୃତ୍ତିକୁ ଅଭ୍ୟାସ କରିବା ପାଇଁ ଗଲି। ସେତେବେଳେ ବ୍ରହ୍ମାନନ୍ଦ ବାବୁଙ୍କ ପାଖରେ ପର୍ଯ୍ୟାପ୍ତ ମହକିଲ ବା କେସ ନଥିଲେ ବି ସେ ମୋତେ ଆନ୍ତରିକତାର ସହିତ ଆଇନ ବୃତ୍ତିର ସମସ୍ତ କଳା କୌଶଳ ଶିକ୍ଷା ଦେଲେ।

ଏହାର ସ୍ୱଳ୍ପ ଦିନ ପରେ ଏକ ଅତି ଅଭାବନୀୟ ଘଟଣା ଘଟିଗଲା। ସ୍ୱର୍ଗତଃ ଭିକାରୀ ଚନ୍ଦ୍ର ପଣ୍ଡାଙ୍କ ହୃଦରୋଗରେ ପରଲୋକ ହୋଇଗଲା। ମୋତେ ଲାଗିଲା ଯେପରି ଘରେ ପଶୁ ପଶୁ ଚାଳରେ ମୁଣ୍ଡ ବାଜିଲା। ତେଣୁ ଆଇନ ବୃତ୍ତି ପାଇଁ ଯେ ଶୁଭଙ୍କର ବୃତ୍ତି ନୁହେଁ ଭାବି ମୁଁ ବ୍ରହ୍ମାନନ୍ଦ ପଣ୍ଡାଙ୍କ ଶିରସ୍ତାକୁ ଯିବା ବନ୍ଦ କରିଦେଲି। ପ୍ରଶାନ୍ତି ନିଳୟମରେ ଯେଉଁ ବୃତ୍ତିଧାରଣ କରିବି ବୋଲି ଆଗ୍ରହ ସୃଷ୍ଟି ହୋଇଥିଲା ତାହାର ପରିସମାପ୍ତି ସତେ ଯେପରି ଘଟିନଥିଲା। ଦିବ୍ୟଲୀଳା ମାଧ୍ୟମରେ ତାହା ଆହୁରି ବିକଶିତ ହୋଇଥିଲା। କାରଣ ସ୍ୱର୍ଗତଃ ବ୍ରହ୍ମାନନ୍ଦ ପଣ୍ଡା ମୋତେ ଖବର ଦେଇ ଡକାଇ ପଠାଇଲେ ଓ ତାଙ୍କ ଅଧୀନରେ ଆଇନ ବୃତ୍ତି ଶିକ୍ଷା କରିବା ପାଇଁ ଉପଦେଶ ଦେଲେ। ଏହା ଭିତରେ ମୁଁ ତାଙ୍କ ପରାମର୍ଶକୁ ସବୁ ଗ୍ରହଣ କରି ତାଙ୍କ ଶିରସ୍ତା ଭିକାରୀ ବାବୁଙ୍କ ଘରେ ଆରମ୍ଭ କରିଥିବାରୁ ମୁଁ ସେଠାରେ ଯୋଗ ଦେଲି। କିନ୍ତୁ କିଛି ଦିନ ପରେ ମୁଁ ଅନୁଭବ କଲି ଯେ ଏହି ଆଇନ ବୃତ୍ତି ମୋ ପାଇଁ ଅତି କଷ୍ଟଦାୟକ ଓ ଏହା ଏକ ଗଭୀର ସମୁଦ୍ର, ତାହା ଭିତରେ ମୁଁ ଉବୁଟୁବୁ ହୋଇ ଅଣନିଃଶ୍ୱାସୀ ହୋଇପଡୁଛି। ପୁଣି ପ୍ରଶ୍ନ ଉଠିଲା ମୋ ଭିତରେ ଯେ ଏ ବୃତ୍ତି ପାଇଁ ମୁଁ ଯୋଗ୍ୟ ନୁହେଁ ତେଣୁ ମୋତେ ଅନ୍ୟ କର୍ମପନ୍ଥା ଗ୍ରହଣ କରିବାକୁ ପଡ଼ିବ। ଏହା ଭିତରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ଦେଉଥାଏ ଚାକିରୀ ଅନ୍ୱେଷଣରେ କିନ୍ତୁ ଆଇନ ବୃତ୍ତିରେ ଛଅ ମାସ ବିତିବା ପରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ଦେଇଥିବା କ୍ଲର୍କ ଚାକିରୀ ନିମିତ୍ତ ପରୀକ୍ଷାରେ ମୁଁ କୃତକାର୍ଯ୍ୟ ହୋଇଥିବାରୁ ମୋତେ କଟକ ଜିଲ୍ଲାପାଳଙ୍କ ସନ୍ନିକଟରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟଶାଖାରେ ଯୋଗ ଦେବା ପାଇଁ ଚିଠି ଆସିଲା। ସେ ଚିଠି ପାଇ ମୁଁ ଆନନ୍ଦ ବିଭୋର ହୋଇଗଲି ଓ ଆଶ୍ୱସ୍ତିକର କର୍ମପନ୍ଥା ମିଳିଗଲା ବୋଲି ଆଶ୍ୱସ୍ତି ଅନୁଭବ କଲି।

ସେ ଦିନ ସନ୍ଧ୍ୟାରେ ମୁଁ ଓ ମୋର ସିନିୟର ସ୍ୱର୍ଗତଃ ବ୍ରହ୍ମାନନ୍ଦ ପଣ୍ଡାଙ୍କ ଶିରସ୍ତାକୁ ଯାଇ ମୋ ନିଯୁକ୍ତି ପତ୍ର ଦେଖାଇଥିଲି। ସେ ପତ୍ରଟିକୁ କିଛିକ୍ଷଣ ନିରୀକ୍ଷଣ କଲେ ଓ ମୋ ମୁହଁକୁ ଟିକେ ଚାହିଁଲେ ଏବଂ ହଠାତ୍ ମୋ ନିଯୁକ୍ତି ପତ୍ରଟିକୁ ଚିରି ଦେଲେ। ସେତେବେଳେ ମୋତେ ଲାଗିଲା ମୋ ମୁଣ୍ଡରେ ସତେ ଯେପରି ବଜ୍ରପାତ ହୋଇଗଲା। ମୋ ଆଖି ଲୁହରେ ଭରିଗଲା, ମୁଁ ଭାବିଲି ସେ ମୋ ଜୀବନର ଏହି ଆଶାର ଦୀପଟି ଯେପରି ଲିଭିଗଲା। ମାତ୍ର ସେହି ମୁହୂର୍ତ୍ତରେ ମୋ ବୃତ୍ତିଗତ ଗୁରୁ ସ୍ୱର୍ଗତଃ ବ୍ରହ୍ମାନନ୍ଦ ପଣ୍ଡା ମୋତେ ଆଶ୍ୱାସନା, ସାନ୍ତ୍ୱନା ଓ ପ୍ରେରଣା ପୂର୍ବକ ଉପଦେଶ ଦେଲେ। 'ଆଇନ ବୃତ୍ତି ଏକ ସେବା ଓ ଏହାଦ୍ୱାରା ମୋ ଜୀବନ ଅଧିକ ବିକଶିତ ହେବ ଏହାସହ ମୋତେ ଆର୍ଥିକ, ସାମାଜିକ, ପ୍ରତିଷ୍ଠା ଆଡ଼କୁ ଆଗେଇ ନେଇପାରିବ' ବୋଲି କହିବା ସହିତ ଏହି କାର୍ଯ୍ୟ ମୋତେ ଅଶେଷ ଆନନ୍ଦ ଦେବ ବୋଲି କହି ଆଇନବୃତ୍ତିରେ ରହିବା ପାଇଁ ପ୍ରଭାବିତ କରିଥିଲେ। ସେହି ଦିନ ମୋର ପ୍ରତ୍ୟୟ ହେଲା ଯେ ଭଗବାନ ଶ୍ରୀ ସତ୍ୟସାଇ ମୋ ଜୀବନର ଚଲାପଥର ନକ୍ସା ଆଙ୍କିଛନ୍ତି। ତେଣୁ ମୋତେ ସେହି ବୃତ୍ତିରେ ରହି ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ପଡ଼ିବ। ବାବାଙ୍କ ଆଶୀର୍ବାଦରୁ ଏହି ବୃତ୍ତିରେ ରହି ମୁଁ ଆଜି ଅନୁଭବ କରୁଛି ଯେ ମୋ ଜୀବନଟା ମୁଁ କେବଳ ଆତ୍ମ ସନ୍ତୋଷ ପାଇବା ପାଇଁ ନୁହେଁ ବରଂ ସମାଜକୁ କିଛି ଦେବା ପାଇଁ, ଆଇନଗତ ଦୃଷ୍ଟିରୁ ସେବା କରିବାର ଏହା ଏକ ସୌଭାଗ୍ୟର ମାଧ୍ୟମ। ଏହା ହିଁ ବାବାଙ୍କ ସଂକଳ୍ପରୁ ରୂପାନ୍ତରିତ ହୋଇ ମୋତେ ଜଣେ ବରିଷ୍ଠ ଆଇନଜୀବୀର ମାନ୍ୟତା ପ୍ରାପ୍ତ ହୋଇଛି।

ଭଗବାନଙ୍କ ଅନୁଭୂତି ମୋ ଜୀବନରେ ଅନେକ ରହିଛି ତାକୁ ଲେଖି ବସିଲେ ଅନେକ ପୃଷ୍ଠା ଲାଗିଯିବ। ମାତ୍ର ଏତିକି ସମୟ ଭିତରେ ମୁଁ ଯେତିକି ଜାଣିଛି, ଯେତିକି ବୁଝିଛି ଭଗବାନ ହେଉଛନ୍ତି ସତ୍ୟର ଶିକ୍ଷାଦାତା, ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ, ଶାନ୍ତିର ସ୍ୱଭାବ, ପ୍ରେମର ସ୍ୱରୂପ ତାଙ୍କର ସାନ୍ନିଧ୍ୟ, ତାଙ୍କର ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ପାଇଁ ମୋ ଜୀବନକୁ ଧନ୍ୟ ମନେ କରୁଛି। ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱନିୟନ୍ତାଙ୍କ ସନ୍ତାନ ସନ୍ତତିମଣି କିଛି କିଛି ସ୍ୱାର୍ଥତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ନିଃସ୍ୱାର୍ଥପର ସେବା ସଦୃଶ ମହତ୍ କର୍ମ ସମ୍ପାଦନ କଲାବେଳେ ଅନେକ ବାଧା ବ୍ୟତିକ୍ରମ ଉପୁଜିପାରେ ଏଥିପାଇଁ ହତାଶ ନ ହୋଇ ବରଂ ଆମର ଏକ ମାତ୍ର ଲକ୍ଷ୍ୟ ଭଗବାନଙ୍କ କୃପା ପ୍ରାପ୍ତିକୁ ମନେରଖି ଏଥିରୁ ଓହରି ଯିବା ଉଚିତ ନୁହେଁ। ସେ ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ତାଙ୍କର ମାଧ୍ୟମ ହୋଇ ଜୀବନକୁ କୃତାର୍ଥ କରୁ ଓ ଜଗତର ହିତ ସାଧନ କରିଥାଉ। ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ ଓ ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, E-mail : sourachandramohapatra16@gmail.com

# ମହାନ ଉଦାର ଭାରତ ଓ ଭିନ୍ନ ଏକ ପାକିସ୍ତାନ

## ଗୋପୀନାଥ ଦାଶ

ବଙ୍ଗଳାଦେଶ ଜଳୁଛି, ଆନ୍ତର୍ଜାତିକ ସମୁଦାୟ ଦେଖୁଛି। ସଂଖ୍ୟାଲଘୁଙ୍କ ସୁରକ୍ଷା, ମାନବିକ ଅଧିକାର, ମୌଳବାଦର ଭୟଙ୍କର ବାସ୍ତବତା ସମ୍ପର୍କରେ ଯେଉଁମାନେ ଚିତ୍କାର କରନ୍ତି, ସେମାନେ ସମସ୍ତେ ନିରବ। ସତେ ଯେମିତି କିଛି ହେଉନାହିଁ। ଲୁଟପାଟ ହେଉଛି, ଘରେ ପଶି ନିଆଁ ଲଗେଇ ଦିଆଯାଉଛି, ପୁଲିସ ନିଜେ ଭିଡ଼ ହିଂସାକୁ ପ୍ରୋତ୍ସାହନ ଦେଉଛି, ଜଣେ ତଥାକଥିତ ନୋବେଲ ପୁରସ୍କାର ପ୍ରାପ୍ତି ବର୍ବର ବ୍ୟକ୍ତି ଚୁପ ରହି ସବୁ ଦେଖୁଛି। ଯାହା ଘଟୁଛି, ତାହା ତ ସ୍ପଷ୍ଟ କରୁଛି ବିଶ୍ୱର ସବୁଠାରୁ ଶାନ୍ତିପ୍ରିୟ ଧର୍ମ ଇସଲାମ କ'ଣ ଶିକ୍ଷାଏ ଓ କ'ଣ କରେ ? ଭାରତରେ ଉଚ୍ଚ ଆୟକାରୀ ଡାକ୍ତର ବୋମା ବିସ୍ଫୋରଣ କରି ନିରୀହ ଲୋକଙ୍କୁ ମାରନ୍ତି। ଅଷ୍ଟ୍ରେଲିଆରେ ବାପ ଓ ପୁଅ ଏକାଠି ଯାଇ ସମୁଦ୍ରକୂଳରେ ଛୁଟି ବିତାଉଥିବା ଲୋକଙ୍କୁ ଗୁଳି କରି ହତ୍ୟା କରନ୍ତି। ବଙ୍ଗଳାଦେଶରେ ଜଣେ ହିନ୍ଦୁ ଯୁବକଙ୍କୁ ରାସ୍ତା ଉପରେ ମାରି ମାରି ଅଧମରା କଲା ପରେ ତାଙ୍କୁ ଗଛରେ ଟାଙ୍ଗି ହତ୍ୟା କରାଯାଏ। ଶାନ୍ତିଦୂତମାନେ ସେତିକିରେ ଶାନ୍ତି ହୁଅନ୍ତି ନାହିଁ। ମୃତ ଶରୀରକୁ ସେହି ଗଛରେ ଝୁଲାଇ ନିଆଁ ଲଗାଇ ପୋଡ଼ି ଦିଅନ୍ତି। କି ବର୍ବରତା ଓ ବୀଭତ୍ସତା। ଅଥଚ ଏଗୁଡ଼ିକ ଘଟୁଛି ଗଣ ପ୍ରଜାତାନ୍ତ୍ରିକ ବଙ୍ଗଳାଦେଶରେ, ଯାହାର ରାଷ୍ଟ୍ରୀୟ ସଙ୍ଗୀତ ହେଲା ଆମାର ସୋନାର ବଙ୍ଗଲା। ସୁନା ଦେଶରେ ତ ଏମିତି ହୁଏ ଆଉ କୋଉଠି ହୁଅନ୍ତା ?

ମିଳିତ ଜାତିସଂଘ ଅଛି କି ନାହିଁ, ଜାଣି ହେଉନାହିଁ। ଅନ୍ୟ ସମସ୍ତ ରାଷ୍ଟ୍ର ସଂଘ, ସଭ୍ୟ ରାଷ୍ଟ୍ର ସମୂହ ଏବଂ ରାଷ୍ଟ୍ରୀୟ ସଂଗଠନମାନେ ଅହେତୁକ ଭାବରେ ନିରବ। ଯେମିତି ଆଫଗାନିସ୍ତାରେ ବାମିୟାନ ବୁଦ୍ଧ ମୂର୍ତ୍ତିକୁ ନଷ୍ଟ ଭ୍ରଷ୍ଟ କରି ଦିଆଯାଇ ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟକୁ ସବୁଦିନ ପାଇଁ ପୋଛି ଦିଆଗଲା ଠିକ ସେହିଭଳି ବଙ୍ଗଳାଦେଶର ପ୍ରତିଷ୍ଠାତା ମୁଜିବୁର ରହମାନଙ୍କର ସମସ୍ତ ସ୍ମୃତିକୁ ଲିଭେଇ ଦିଆଯାଉଛି। କିନ୍ତୁ ମୌଳବାଦୀ, ଯେଉଁମାନଙ୍କର ୧୯୭୧ରେ ସେମାନଙ୍କ ପୂର୍ବ ପୁରୁଷଙ୍କ ପ୍ରତି ହୋଇଥିବା ଅତ୍ୟାଚାର ଓ ମା ଭଉଣୀମାନଙ୍କ ଅସ୍ମିତା ପ୍ରତି ହୋଇଥିବା ଆକ୍ରମଣ ସମ୍ପର୍କରେ କୌଣସି ଧାରଣା ନାହିଁ, ସେମାନେ ଗୋଟିଏ କାଠ କଣ୍ଢେଇ ମହମ୍ମଦ ୟୁନୁସକୁ ଚଉକିରେ ବସେଇ, ପାକିସ୍ତାନ ସହିତ ଅଭିସାର କରୁଛନ୍ତି। ଅଥଚ ପାକିସ୍ତାନ ୧୯୭୧ରେ ୩ଲକ୍ଷ ବଙ୍ଗଳାଦେଶୀଙ୍କୁ ହତ୍ୟା କରିଥିଲା ଓ ୪ ଲକ୍ଷ ବଙ୍ଗଳାଦେଶୀ ମହିଳାଙ୍କୁ ଦୁଷ୍କର୍ମ କରିଥିଲା। ଏବେ ବଙ୍ଗଳାଦେଶର ମହାନ ନେତାମାନେ ସେହି ପାକିସ୍ତାନ ସହିତ ପ୍ରେମରେ ଲିପ୍ତ। ସେ ସମୟର ବିଭୀଷିକାକୁ ଦେଖିଥିବା ଅନେକ ବ୍ୟକ୍ତି ଏବେ ମଧ୍ୟ ଜୀବିତ ଥିବେ। ସେମାନେ ଯାହା ଦେଖିଥିଲେ କହୁ ନାହାଁନ୍ତି ଏହି ଉନ୍ମାଦ, ଉଦଭ୍ରାନ୍ତ ଯୁବକମାନଙ୍କୁ ? ମା'ର ହତ୍ୟାକାରୀ ସହିତ ଏକାଠି ବସି କିଏ ବିରିୟାନି ଖାଏ ?

ଭାରତୀୟ ରାଜନୀତି ଉଦାରତାରେ ପରିପୂର୍ଣ୍ଣ। ଅନ୍ୟଥା ୧୯୭୧ରେ ପାକିସ୍ତାନୀ ସେନା ଆଣ୍ଠୁମାଡ଼ି ଆତ୍ମସମର୍ପଣ କଲା ପରେ ଭାରତ, ବଙ୍ଗଳାଦେଶ (ତତ୍କାଳୀନ ପୂର୍ବ ପାକିସ୍ତାନ)କୁ ଅକ୍ତିଆର କରି ପାରିଥାନ୍ତା। ଏକ ସ୍ୱାଧୀନ ଦେଶର ନାଗରିକମାନଙ୍କୁ ସେମାନଙ୍କ ସ୍ୱପ୍ନ ସହିତ ଭବିଷ୍ୟତ ଗଢ଼ିବା ପାଇଁ ସୁଯୋଗ ଦିଆଯାଇଥିଲା। ଆଜି ସେହିମାନେ ଭାରତ ବିରୋଧୀ। ବିଶ୍ୱର ସବୁଠାରୁ ଶାନ୍ତିପ୍ରିୟ ଧର୍ମର ଲୋକମାନେ ସଭ୍ୟତା ଠାରୁ ଦୂରରେ ପ୍ରସ୍ତର ଯୁଗରେ କେବଳ ରହନ୍ତି ନାହିଁ, ସେମାନେ ବିଶ୍ୱାସଘାତକ ଓ ଦ୍ରୋହୀ ମଧ୍ୟ। ଯିଏ ସାହାଯ୍ୟ କରେ, ତାକୁ ସେମାନେ ପଛରୁ ଛୁରି ମାରିବାରେ ମାହିର। ଛେଳି, ମେଣ୍ଢା, ଗାଈ କାଟି କାଟି ମଣିଷ କାଟିବା ବେଳେ ସେମାନଙ୍କର ସାମାନ୍ୟତମ ଅନୁଶୋଚନା ନଥାଏ।

ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ୟୁରୋପିଆନ ୟୁନିଅନ, ଭାରତ, ଆର୍ଜେଣ୍ଟିନା, ଇସ୍ରାଏଲ, ଋଷିଆ - ୧୯୭୯ରୁ ୨୦୧୪ ଭିତରେ ବିଶ୍ୱର ୮୬ଟି ଦେଶ ଇସଲାମୀୟ ମୌଳବାଦୀ ତଥା ଆତଙ୍କବାଦୀଙ୍କ ଶିକାର ହୋଇଛନ୍ତି। ମରିଛନ୍ତି କେବଳ ନିରୀହ ଲୋକମାନେ। ସବୁବେଳେ ଏମାନେ କହିଥାନ୍ତି, ସେମାନଙ୍କ ପ୍ରତି ଅନ୍ୟ ଧର୍ମର ଲୋକମାନେ, ଦେଶମାନେ, ସରକାରମାନେ ପାତର ଅନ୍ତର କରି ଆସୁଛନ୍ତି। କାହିଁକି ? ଏହିସବୁ ଜୋର୍ଡ଼ାନ, ପାକିସ୍ତାନ, ଆଫଗାନିସ୍ତାନ ଆଦି ଦେଶରେ ଏମାନେ ପରସ୍ପରକୁ ମାରି ଆସୁଛନ୍ତି। କାହିଁକି ? ଏସବୁ ଦେଶର ତ କେବଳ ଶାନ୍ତିପ୍ରିୟ ଧର୍ମର ଲୋକେ ବାସ କରନ୍ତି। ଏହି ମହାନ ଦେଶଗୁଡ଼ିକ ତ ଏଭଳି ଆବର୍ଜନା, ଯେ ଏଠି ଅନ୍ୟ କେହି ରହନ୍ତି ନାହିଁ, ରହିବାକୁ ଚାହାଁନ୍ତି ନାହିଁ। ତଥାପି ହିଂସା ଓ ବିଭୀଷିକା। ଅସଲ କଥା ହେଲା ମୁଲ୍ଲା, ମୌଲବିମାନେ କ'ଣ ବୁଝନ୍ତି, କ'ଣ ଶିଖାନ୍ତି - କେବଳ ସେମାନେ ହିଁ ଜାଣନ୍ତି। ଅନ୍ୟକୁ ଯୋଉଠି ଯେତେବେଳେ ପାର, ମାର ହୁଏତ ଏହା ହିଁ ଧର୍ମାଚରଣ। ବଙ୍ଗଳାଦେଶ ଏବେ ଚରମ ଅସ୍ଥିରତା ଓ ଘୃଣା ଭିତର ଦେଇ ଯାଉଛି। ୟୁନୁସଙ୍କୁ ନୋବେଲ ପୁରସ୍କାର ଦେଇ ନୋବେଲ କମିଟି ମଧ୍ୟ ଲଜ୍ଜିତ ଅନୁଭବ କରିବା କଥା। ଦୁର୍ଭାଗ୍ୟର କଥା, ଯେ ବଙ୍ଗଳାଦେଶରେ ଯାହା ଘଟୁଛି, ତାର ପ୍ରଭାବ ଭାରତ ଭୋଗିବ। ଗୋଟିଏ ପଟେ ମୂର୍ଖ ପାକିସ୍ତାନ ଥିଲା, ଏବେ ଆଉ ଗୋଟିଏ ଜଘନ୍ୟ ବଙ୍ଗଳାଦେଶ ତିଆରି ହେଲାଣି। ପୂର୍ବରୁ ବଙ୍ଗଳାଦେଶୀମାନେ ଭାରତକୁ ଆସି ଭାରତର ଅର୍ଥନୀତି ଓ ଆଇନଶୃଙ୍ଖଳା ସ୍ଥିତିକୁ ଧ୍ୱଂସ କରିଛନ୍ତି। ଯେତେ ମମତା ବାନାର୍ଜୀ ଓ ଅଖିଳେଶ ଯାଦବ ସେମାନଙ୍କୁ ସମର୍ଥନ ଦିଅନ୍ତୁ, ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ଖୋଜି ଖୋଜି ଘୋଷାଡ଼ି ଘୋଷାଡ଼ି ଭାରତରୁ ବିଦା କରିବା ଦରକାର। ଏଭଳି ବଙ୍ଗଳାଦେଶୀମାନେଭାରତ ଉପରେ ବୋଝ ଏବଂ ସେମାନଙ୍କ ପ୍ରତି କୌଣସି ସମବେଦନା ସମ୍ପୂର୍ଣ୍ଣ ଅନାବଶ୍ୟକ। ବ୍ରିଟିଶ ଶାସକ ଗୋଷ୍ଠୀ ଅଖଣ୍ଡ ଭାରତ ବର୍ଷକୁ ଏମିତି ବିଭାଜିତ କରିଦେଲେ ଯେ ଅସଂଖ୍ୟ ଲୋକ ବିଖଣ୍ଡିତ ହୋଇ ଭାରତ ପାକିସ୍ତାନ ଓ ବଙ୍ଗଳାଦେଶରେ ରହିଗଲେ। ୧୯୪୭ରେ ପାକିସ୍ତାନ ଓ ବଙ୍ଗଳାଦେଶରେ ରହିଯାଇଥିବା ସଂଖ୍ୟାଲଘୁ ହିନ୍ଦୁ, ଶିଖ ଆଦି ଅମାନବୀୟ ବର୍ବରତାର ଶିକାର ହେଉଛନ୍ତି। କେଉଁ ସଭ୍ୟ ରାଷ୍ଟ୍ର ଓ ସମାଜରେ ଜୀବନ୍ତ ବ୍ୟକ୍ତିଙ୍କୁ ନିଆଁ ଲଗେଇ ପୋଡ଼ି ଦିଆଯାଏ ? ଆଶ୍ଚର୍ଯ୍ୟର କଥା ବିଶ୍ୱ ସମୁଦାୟ ନିରବ। ଆତଙ୍କବାଦ ବିରୋଧରେ ସେମାନେ ସହମତ ନୁହଁନ୍ତି। ଆମେରିକାର ରାଷ୍ଟ୍ରପତି ଗଣତନ୍ତ୍ର ଉପରେ ଲମ୍ବାଚଉଡା ଭାଷଣ ତ ଦିଅନ୍ତି, କିନ୍ତୁ ପାକିସ୍ତାନର ଅସାମ୍ବିଧାନିକ, ଅଗଣତାନ୍ତ୍ରିକ କ୍ଷମତା କେନ୍ଦ୍ର ସେନାମୁଖ୍ୟଙ୍କ ସହିତ ରାତ୍ରି ଭୋଜନ କରୁଛନ୍ତି। ଅପରପକ୍ଷରେ ଭାରତର ବିଦେଶ ନୀତି ହଠାତ ଦୋହଲି ଯାଇଛି। ଆଇ.ଏ.ଏସ ଓ ଆଇ.ପି.ଏସଙ୍କ ପରି ଆଇ.ଏଫ.ଏସ ବା ଭାରତୀୟ ବିଦେଶ ସେବା ମଧ୍ୟ ଅର୍ଥହୀନ ଧଳହାତୀରେ ରୂପାନ୍ତରିତ ହୋଇଗଲାଣି। ଚୀନ, ଆମେରିକା ଆଦି ଦେଶଗୁଡ଼ିକ ସହିତ ସମ୍ପର୍କତ ଭଲ ନାହିଁ, ତୁର୍କୀ, ମାଲୟେସିଆ, ମାଲଦିଭସ୍ ଭଳି ଦେଶ ମଧ୍ୟ ଭାରତ ବିରୋଧୀ ଏବେ। ପାକିସ୍ତାନ, ନେପାଳ, ବଙ୍ଗଳାଦେଶ, କେତେକାଂଶରେ ଶ୍ରୀଲଙ୍କା ମ୍ୟାମାର ଆଦି ଦେଶ ସହିତ କ୍ରମଶଃ କୂଟନୀତି ବିଗିଡ଼ି ବିଗିଡ଼ି ଯାଉଛି। ମନେ ହେଉଛି ଭାରତ ଏବେ ଏକ ଦୋଛକିରେ। ହଠାତ୍ ପଡ଼ୋଶୀମାନେ ଭାରତ ବିରୋଧୀ ହୋଇଯିବା ଏକ ଚକ୍ରାନ୍ତ ହୋଇପାରେ। କିନ୍ତୁ ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ ଭାରତର ବିଦେଶ ନୀତି ବର୍ତ୍ତମାନ ଅସ୍ତବ୍ୟସ୍ତ। ବଙ୍ଗଳାଦେଶର ବିଦ୍ରୋହୀ ଲେଖିକା ତସଲିମା ନସରିନ ଭାରତରେ ଆଶ୍ରୟ ନେଇଥିଲେ। ଏବେ ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ ହସିନାଙ୍କୁ ମାନବିକତା ଦୃଷ୍ଟିରୁ ଆଶ୍ରୟ ଦେଇ ଭାରତ ମୌଳବାଦୀଙ୍କ ଘୃଣାର ଶିକାର ହୋଇଛି। ହୁଏତ ବଙ୍ଗଳାଦେଶର କାମଚଳା ପ୍ରଶାସନର ମୁଖ୍ୟ ପରାମର୍ଶଦାତା ୟୁନୁସ ଶାନ୍ତିର ଭାଷା ବୁଝନ୍ତି ନାହିଁ। ତାଙ୍କୁ ବୁଝେଇବା ପାଇଁ ଭାରରୁ ନିଜ ଭାଷା ପରିବର୍ତ୍ତି କରିବାକୁ ପଡ଼ିବ।

ସହକାରୀ ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଦୂରଭାଷ : ୮୮୯୫୨୯୬୧୬୭

# ଶ୍ରବଣ ଶକ୍ତି ହ୍ରାସର ପୂର୍ବାଭାସ

## ନାରାୟଣ ଚନ୍ଦ୍ର ବିଶ୍ୱାଳ

ଶ୍ରବଣଶକ୍ତି କ୍ଷୀଣ ହେବା ଆରମ୍ଭ ନକଲା ଯାଏ ଅଧିକାଂଶ ଲୋକ ତାହାକୁ ଅଣଦେଖା କରିଥାନ୍ତି। ଶ୍ରବଣଶକ୍ତି ହ୍ରାସର ପ୍ରାଥମିକ ଓ ସାଧାରଣ ଲକ୍ଷଣ ମଧ୍ୟରୁ ଗୋଟିଏ ହେଉଛି ଅନ୍ୟମାନେ କ୍ଷୀଣ ସ୍ୱରରେ କଥା ହେଉଛନ୍ତି ପରି ଲାଗିବା। ଆପଣଙ୍କୁ ନିୟମିତ ଭାବେ କ'ଣ କହିଲେ, ବୁଝିପାରିଲି ନାହିଁ, ଟିକିଏ ଜୋରରେ କୁହନ୍ତୁ କହିବାକୁ ପଡ଼ିବା ଆଉ ଏକ ଲକ୍ଷଣ। ସେହିପରି ଶ୍ରବଣଶକ୍ତି ହ୍ରାସର ଅନ୍ୟତମ ଲକ୍ଷଣ ହେଲା କୋଳାହଳପୂର୍ଣ୍ଣ ସ୍ଥାନରେ ସ୍ପଷ୍ଟ ଭାବରେ ଶୁଣିବାରେ ସମସ୍ୟା ହେବା। ଯଦି ରେଷ୍ଟୋରାଁ, କାଫେ, ବଜାର କିମ୍ବା ପାରିବାରିକ ସମାବେଶରେ କଥା ବୁଝିବାରେ ସମସ୍ୟା ହେଉଛି ତାହା ଶ୍ରବଣଶକ୍ତି ହ୍ରାସର ସଙ୍କେତ। ଲୋକେ କଥାବାର୍ତ୍ତା କରୁଥିବା ଶୁଣିପାରୁଥିଲେ ହେଁ ସେମାନେ କ'ଣ କହୁଛନ୍ତି ବୁଝିବା କଷ୍ଟ ହୁଏ। ଏହାକୁ ଅଣଦେଖା କରିବା ଦ୍ୱାରା ସାମାଜିକ ଦୂରତା, ହତାଶା ଓ ଗୋଷ୍ଠୀ କାର୍ଯ୍ୟକଳାପରେ ଅଂଶ ଗ୍ରହଣ ହ୍ରାସ ହୋଇପାରେ। ଅନ୍ୟତମ ଲକ୍ଷଣ ହେଲା ଅନ୍ୟ ମାନଙ୍କ ତୁଳନାରେ ଟିଭି କିମ୍ବା ଫୋନ ଭଲ୍ୟୁମ ଅଧିକ ବଢ଼ାଇବା, ସବୁବେଳେ ସ୍ପିକରଫୋନ ବ୍ୟବହାର କରିବା, ଶାନ୍ତ ଜାଗାରେ ମଧ୍ୟ ଫୋନ ଭଲ୍ୟୁମ ବଢ଼ାଇବା।

ସେହିପରି କଥାବାର୍ତ୍ତା ପରେ କ୍ଲାନ୍ତ କିମ୍ବା ଚାପଗ୍ରସ୍ତ ଅନୁଭବ କରିବା ହେଉଛି ଅନ୍ୟତମ ଲକ୍ଷଣ। ଶୁଣିବାରେ ଆମ କାନ ଅପେକ୍ଷା ମସ୍ତିଷ୍କର କାମ ଅଧିକ। ଯେତେବେଳେ ଆମ କାନ ସ୍ପଷ୍ଟ ଭାବରେ ଶବ୍ଦ ଗ୍ରହଣ କରେ ନାହିଁ, ସେତେବେଳେ ମସ୍ତିଷ୍କକୁ ଓଠ ପଢ଼ିବା, ଶବ୍ଦ ଅନୁମାନ କରିବା ଏବଂ ସ୍ୱର ଅନୁସରଣ କରିବା ପାଇଁ ଅଧିକ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ସେହିପରି ସାଧାରଣତଃ ଶ୍ରବଣ ଶକ୍ତି ହ୍ରାସ ପାଇବା ଆରମ୍ଭ ହେବା ପରେ ଡୋରବେଲ କିମ୍ବା ଫୋନ, ମାଇକ୍ରୋୱେଭ କି ୱାସିଂ ମେସିନ ବିପ, ପିଲା କିମ୍ବା ମହିଳାଙ୍କ ସ୍ୱର ପରି କେତେକ ଉଚ୍ଚଫ୍ରିକ୍ୱେନ୍ସି ଶବ୍ଦ ପ୍ରଥମେ ଅସ୍ପଷ୍ଟ ହୋଇଯାଏ। ତେଣୁ ଉପରୋକ୍ତ ଲକ୍ଷଣ ଗୁଡ଼ିକ ମଧ୍ୟରୁ ଗୋଟିଏ କିମ୍ବା ଦୁଇଟି ଦେଖାଗଲେ ଶ୍ରବଣ ପରୀକ୍ଷା କରିବା ଜରୁରୀ।

ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ

# ଗୁରୁ କେଳୁଚରଣ ମହାପାତ୍ର

## ଡଃ.ଅରୁନ୍ଧତୀ ଦେବୀ

ବିଂଶ ଶତାବ୍ଦୀରେ ଓଡ଼ିଶାର ପୁନରୁତ୍ଥାନ ଓ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ଗୁରୁ କେଳୁଚରଣ ମହାପାତ୍ର। ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ଗୁରୁ ଭାବେ ସମଗ୍ର ଭାରତରେ ସେ ପ୍ରଣମ୍ୟ। ପଦ୍ମ ବିଭୂଷଣ ପାଇବାରେ ସେ ପ୍ରଥମ ଓଡ଼ିଆ। ସେତିକି ନୁହେଁ, ପଦ୍ମଶ୍ରୀ, ପଦ୍ମଭୂଷଣ, କାଳିଦାସ ସମ୍ମାନର ମଧ୍ୟ ଅଧିକାରୀ। ପ୍ରାୟ ୨ଶହ ଏକକ ପ୍ରଦର୍ଶନ ଓ ୫୦ଟି ନୃତ୍ୟ ନାଟିକା ସଂଯୋଜନ କରିଛନ୍ତି। ପଞ୍ଚପୁଷ୍ପା, କୃଷ୍ଣଗାଥା, ଗୀତଗୋବିନ୍ଦ, ଉର୍ବଶୀ, କୃଷ୍ଣଲୀଳା, ସାକ୍ଷୀଗୋପାଳ, କୋଣାର୍କ ଆଦି ତାଙ୍କର ନୃତ୍ୟ ସଂଯୋଜନା। ବାଲ୍ୟକାଳରେ ଗାଁ ଗାଁ ବୁଲି କୃଷ୍ଣ ଲୀଳା ଓ ପୁରାଣର ଉପାଖ୍ୟାନ ଗୁଡ଼ିକୁ ନୃତ୍ୟ - ସଙ୍ଗୀତ ମାଧ୍ୟମରେ ସେ ପରିବେଷଣ କରୁଥିଲେ। ଉପେନ୍ଦ୍ର ଭଞ୍ଜ, ବନମାଳି, ଗୋପାଳକୃଷ୍ଣ ଓ ଜୟଦେବଙ୍କ ରଚନାରେ ବିଷୟ ନୃତ୍ୟ ମାଧ୍ୟମରେ ଉପସ୍ଥାପନ କରୁଥିଲେ। ଗୁରୁ ଅଗାଧୁ ମହାରଣାଙ୍କୁ ମୃଦଙ୍ଗ ଓ କ୍ଷେତ୍ରମୋହନଙ୍କଠୁ ସେ ତବଲା ଶିଖିଥିଲେ।



ବାପାଙ୍କ ଦେହାନ୍ତ ପରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ କଟକସ୍ଥିତ ଓଡ଼ିଶା ଥିଏଟରରେ କେଳୁଚରଣ ଯୋଗ ଦେଲେ। ଗୁରୁ ପଙ୍କଜ ଚରଣ ଦାସଙ୍କ ସଂସ୍ପର୍ଶରେ ତାଙ୍କ ନୃତ୍ୟ ପ୍ରତିଭାର ବିକାଶ ଘଟିଥିଲା। କ୍ରମେ ସେ ଆକାଶବାଣୀ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ପରିବେଷଣ କଲେ। କଟକ କଳା ବିକାଶ କେନ୍ଦ୍ରରେ ସେ ଦୀର୍ଘ ୧୫ ବର୍ଷ ଓଡ଼ିଶୀ ଶିକ୍ଷାଦାନ କରିଥିଲେ। ୮୦ ଦଶକ ବେଳକୁ ଭାରତର ବିଭିନ୍ନ ସ୍ଥାନରେ ସେ ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷଣ ଦେଲେ। ଅନେକ ବିଦେଶୀ ଶିଷ୍ୟ ତାଙ୍କଠାରୁ ନୃତ୍ୟ ଶିକ୍ଷା କରିଛନ୍ତି। ଜାପାନ, ଫ୍ରାନ୍ସ, ଋଷ, ଜର୍ମାନୀ, ଇଂଲଣ୍ଡ ଓ ଆମେରିକାରେ ଓଡ଼ିଶୀ ପରିବେଷଣ କରି କେଳୁଚରଣ ଓଡ଼ିଶାକୁ ବିପୁଳ ଖ୍ୟାତି ଆଣିଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶୀ ଗବେଷଣା କେନ୍ଦ୍ର ସହିତ ସେ ପ୍ରାୟ ୧୦ ବର୍ଷ ଜଡ଼ିତ ଥିଲେ। ପୁରୀର ରଘୁରାଜପୁର ସ୍ଥିତ ଏକ ଶିଳ୍ପୀ ପରିବାରରେ ୧୯୨୬ ଜାନୁଆରୀ ୮ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ ଗୁରୁ କେଳୁଚରଣ ମହାପାତ୍ର।

ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ପୋଲାଭରମ ପ୍ରକଳ୍ପ ନେଇ ତେଲଙ୍ଗାନା ରିଟ୍ ପିଟିସନ ଗ୍ରହଣଯୋଗ୍ୟ ନୁହେଁ

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** କାର୍ଯ୍ୟକଳାପରୁ ଆଗକୁ ବଢ଼ିବାରୁ ରୋକିବାକୁ ତେଲଙ୍ଗାନା ସରକାରଙ୍କ ଦ୍ୱାରା ଦାୟର ରିଟ୍ ପିଟିସନକୁ ସୁପ୍ରିମକୋର୍ଟ ସୋମବାର ପ୍ରଥମ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ ବୋଲି ଦର୍ଶାଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ, ସମସ୍ତ ପ୍ରଭାବିତ ରାଜ୍ୟମାନଙ୍କୁ ନେଇ ମାମଲା ମାଧ୍ୟମରେ ବିବାଦର ସମାଧାନ ଅଧିକ ଉପଯୁକ୍ତ ହେବ । ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆବେଦନର



ସମାଧାନ କରି ତେଲଙ୍ଗାନାକୁ ମାମଲା ଦାୟର କରିବା ସମେତ ଆଇନରେ ଉପଲବ୍ଧ ଅନ୍ୟ ଯେକୌଣସି ଉପଯୁକ୍ତ ପ୍ରତିକାର ପାଇବା ଏବଂ ବର୍ତ୍ତମାନର କାର୍ଯ୍ୟପନ୍ଥାରେ ଆଗ୍ରହୀ ସମସ୍ତ ବିବାଦ ଉଠାଇବା ପାଇଁ ସ୍ୱାଧୀନତା ପ୍ରଦାନ କରିଛନ୍ତି । ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ଯେ, ପ୍ରଥମ ଦୃଷ୍ଟିରୁ ରିଟ୍ ପିଟିସନକୁ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ ବୋଲି ବିଚାର କରାଯାଉଛି । ଆବେଦନକାରୀଙ୍କୁ ଆଇନ ଅନୁଯାୟୀ ଉପଯୁକ୍ତ ପ୍ରତିକାର ପାଇବା ଏବଂ ତୁରନ୍ତ ଆବେଦନରେ ନିଆଯାଇଥିବା ସମସ୍ତ ବିବାଦ ଉଠାଇବାର ସ୍ୱାଧୀନତା ଦିଆଯାଇଛି । ତେଲଙ୍ଗାନା ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ ସମ୍ବିଧାନର ଧାରା ୩୨ ର ଆବେଦନକୁ ଯଥାର୍ଥ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ । ସିଂଘଭୀ ଦର୍ଶାଇଥିଲେ ଯେ ତେଲଙ୍ଗାନା ଗୋଦାବରୀ ନଦୀ ଜଳ ଆବଣ୍ଟନକୁ ନିୟନ୍ତ୍ରଣ କରୁଥିବା ଟ୍ରିବ୍ୟୁନାଲ ଆୱାର୍ଡରେ ସ୍ପଷ୍ଟ ଉଲ୍ଲଂଘନ ଦୃଷ୍ଟିରୁ ରିଟ୍ ପିଟିସନ୍ ଦାଖଲ କରିଛି । ଗୋଦାବରୀ ଜଳ ବ୍ୟବହାର ନେଇ ଏକ ନିର୍ଦ୍ଦିଷ୍ଟ ସୀମା ରହିଛି, ଏହାଠାରୁ ଅଧିକ ଜଳ ବ୍ୟବହାର ଅବୈଧ । ତେବେ କୋର୍ଟ କହିଥିଲେ ଏହି ବିବାଦ କେବଳ ତେଲଙ୍ଗାନା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ସୀମିତ ନୁହେଁ । କର୍ଣ୍ଣାଟକ ଓ ମହାରାଷ୍ଟ୍ର ପରି ଅନ୍ୟ ରାଜ୍ୟ ମଧ୍ୟ ଅଛନ୍ତି । କିନ୍ତୁ ରିଟ୍ ପିଟିସନରେ ସେମାନଙ୍କୁ ପକ୍ଷଭୁକ୍ତ କରାଯାଇନାହିଁ । ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଆନ୍ଧ୍ର ପ୍ରଦେଶ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ । ଏହି ବିବାଦ ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀର ବଳକା ଜଳକୁ ପୋଲାଭରମ୍ ଜଳଭଣ୍ଡାରରୁ ମରୁଡ଼ିଗ୍ରସ୍ତ ରାୟଲସୀମାର ବାନାକାଚେର୍ଲା ଅଞ୍ଚଳକୁ ପ୍ରଦାନ କରିବା ପ୍ରସ୍ତାବକୁ ନେଇ କେନ୍ଦ୍ରିତ ହୋଇଛି । ତେଲଙ୍ଗାନା ଆନ୍ଧ୍ର ପ୍ରଦେଶ ସରକାରଙ୍କ ପ୍ରସ୍ତାବକୁ ଲଗାତାର ବିରୋଧ କରିଆସୁଛି ।

# ଆକାଶ ଛୁଆଁ ସୁନା ଦର

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ଯଦି ଆପଣ ସୁନା କିମ୍ବା ରୂପା ଅଳଙ୍କାର କିଣିବାକୁ କିମ୍ବା ସେଥିରେ ନିବେଶ କରିବାକୁ ଯୋଜନା କରୁଛନ୍ତି, ତେବେ ଆଜିର ସଦ୍ୟତମ ମୂଲ୍ୟ ଆପଣଙ୍କୁ ଆଶ୍ଚର୍ଯ୍ୟ କରିପାରେ । ୨୦୨୬ ଆରମ୍ଭ ହେବା ସହିତ, ସୁନା ଏବଂ ରୂପା ମୂଲ୍ୟ ଆକାଶଛୁଆଁ ହୋଇଛି । ଏହି ବଜାରର ଅସ୍ଥିରତା ପଛରେ ଅନେକ ପ୍ରମୁଖ କାରଣ ଅଛି, ଯାହା ନିବେଶକ ଏବଂ ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି । ଯଦି ଆପଣ ଆଜି ଅଳଙ୍କାର କିଣିବାକୁ କିମ୍ବା ଏଥିରେ ନିବେଶ କରିବାକୁ ଯୋଜନା କରୁଛନ୍ତି, ତେବେ ଆପଣଙ୍କ ସହରର ବର୍ତ୍ତମାନର ସୁନା ଏବଂ ରୂପା ମୂଲ୍ୟ ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । MCX ରେ ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧି: ଆଜି ଜାନୁଆରୀ ୧୨ ତାରିଖରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ଏବଂ ରୂପା ଉଭୟ ରେକର୍ଡ ସ୍ତରରେ ପହଞ୍ଚିଛି । ଆଜି ରୂପା ମୂଲ୍ୟରେ ମଧ୍ୟ ବଡ଼ ବୃଦ୍ଧି ଦେଖିବାକୁ ମିଳୁଛି, ଏବଂ ବିଶେଷଜ୍ଞଙ୍କ କହିବା ଅନୁସାରେ, ଏହା କେବଳ ଆରମ୍ଭ; ଆଗାମୀ ଦିନରେ ରୂପା ମୂଲ୍ୟ ସବୁ ରେକର୍ଡ ଭାଙ୍ଗି ନୂଆ ଇତିହାସ ସୃଷ୍ଟି କରିପାରେ ।

# ଆମକୁ ବଦନାମ କରି ଏକଘରିକିଆ କରିବାକୁ ଚାହୁଁଛି ଆମେରିକା

**ପ୍ୟୋଙ୍ଗୟାଙ୍ଗ,୧୨।୧(ଏଜେନ୍ସି):** ଇରାନରେ ଚାଲିଥିବା ରାଜନୈତିକ ଉତ୍ତେଜନା ମଧ୍ୟରେ, ଉତ୍ତର କୋରିଆ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଆମେରିକାକୁ ଟାର୍ଗେଟ କରିଛି । ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍ ଅଭିଯୋଗ କରିଛନ୍ତି, ଆମେରିକା ଜାତିସଂଘର ସୁରକ୍ଷିତ ଆବରଣ ତଳେ ନିଜ ଇଚ୍ଛା ଅନୁଯାୟୀ ବିଶ୍ୱ ଉପରେ କଟକଣା ଲାଗୁ କରୁଛି । ଏହା ଗ୍ରହଣୀୟ ନୁହେଁ । କିମ୍‌ଙ୍କ ସରକାର ଆମେରିକା ନେତୃତ୍ୱାଧୀନ ସ୍ୱତନ୍ତ୍ର କଟକଣା ମନିଟରିଂ ଦଳ(ଏମ୍ଏସ୍ଏମ୍ଟି) ଗଠନକୁ ବିରୋଧ କରିଛି । ମନିଟରିଂ ଦଳରେ ଆମେରିକା ଏବଂ ଦକ୍ଷିଣ କୋରିଆ ସମେତ ୧୧ ଜଣ ସଦସ୍ୟ ଅଛନ୍ତି । ଏହି ସଂଗଠନ ଆଗାମୀ ଦିନରେ ଉତ୍ତର କୋରିଆ ଉପରେ ୧୫ ବର୍ଷ ପାଇଁ କଟକଣା ଲଗାଇବାକୁ ଯୋଜନା ପ୍ରସ୍ତୁତି କରୁଛି । ଉତ୍ତର କୋରିଆ ଏହି ଦଳକୁ ବେଆଇନ ଘୋଷଣା କରିଛି । ଉତ୍ତର କୋରିଆ ଏକ ବିବୃତ୍ତିରେ କହିଛି, ଆମେରିକା ଏପରି ଏକ ଦଳ ଗଠନ କରି ଆମ ଉପରେ ଋପ ପକାଇବାକୁ ଚେଷ୍ଟା କରୁଛି । କିନ୍ତୁ ଏହା ସଫଳ ହେବ ନାହିଁ । ଏହା ସହିତ ଉତ୍ତର କୋରିଆ ଆମେରିକାକୁ କଡ଼ା ଚେତାବନୀ ଦେଇଛି । ଉତ୍ତର କୋରିଆ କହିଛି, ଏହି ସଂଗଠନ ଆମ ଉପରେ ସାଇବର ଆକ୍ରମଣର ମିଥ୍ୟା ଅଭିଯୋଗ ମଧ୍ୟ କରୁଛି । ଏହାର ଉଦ୍ଦେଶ୍ୟ ହେଉଛି ଆମକୁ ଅପରାଧୀ ଭାବରେ ଚିହ୍ନିତ କରି ବିଶ୍ୱ ସ୍ତରରେ ଏକଘରିକିଆ କରିବା । ଆମେ ଏପରି ହେବାକୁ ଦେବୁ ନାହିଁ । ଏମ୍ଏସ୍ଏମ୍ଟି ଜାତିସଂଘ ଅଧୀନରେ କାର୍ଯ୍ୟ କରୁଥିବା ଏକ ଦଳ । ଏହାର ପ୍ରାଥମିକ କାର୍ଯ୍ୟ ହେଉଛି ଉତ୍ତର କୋରିଆ ବିରୋଧରେ ପ୍ରତିବନ୍ଧକ ସୁପାରିଶ କରିବା । ଏହା ପ୍ରଥମେ ୨୦୦୬ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ସେହି ସମୟରେ, ଚୀନ୍ ଏହାର ଗଠନ



ବିରୋଧରେ ଭୋଟ୍ ବର୍ଜନ କରିଥିଲା । ଉତ୍ତର କୋରିଆର କେସିଏନ୍ଏ ଏଜେନ୍ସି କହିଛି, ସଂଗଠନ ଆଗାମୀ ୧୫ ବର୍ଷ ପାଇଁ ପୁନର୍ବାର କଠୋର ପରମାଣୁ କଟକଣା ଲାଗୁ କରିବାକୁ ଚାହୁଁଛି । କିମ୍‌ଙ୍କ ସରକାର ଏହି ପଦକ୍ଷେପକୁ ବିରୋଧ କରୁଛି । କିମ୍ ଜୋଙ୍ଗ ଉନ୍ କହିଛନ୍ତି, ଏଭଳି ଏକ ପୁରୁଣା ସଂଗଠନକୁ ଉତ୍ତର କୋରିଆ ଉପରେ ଋପ ପକାଇବା ପାଇଁ ବ୍ୟବହାର କରାଯିବା ଠିକ୍ ନୁହେଁ । ଉତ୍ତର କୋରିଆ କହିଛି, ଯଦି ଜାତିସଂଘ ପୁଣି କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ଚାହୁଁଛି, ତେବେଏକ ନୂତନ ସଂଗଠନ ଗଠନ କରିବା ଉଚିତ । କିମ୍‌ଙ୍କ ଏଭଳି ମନ୍ତବ୍ୟ ଏବେ ଅନ୍ତର୍ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି ।

# ଜନ ସୁରାଜ ପାର୍ଟିରୁ ଇସ୍ତଫା ଦେଲେ ରିତେଶ ପାଣ୍ଡେ

**ପାଟନା,୧୨।୧(ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ସମୟରେ ବେଶ ରୋମାଞ୍ଚକର ସ୍ଥିତି ଦେଖିବାକୁ ମିଳିଥିଲା । ବହୁ ଜପୁରୀ କଳାକାରମାନେ ଏହି ନିର୍ବାଚନ ସମୟରେ ନିଜର ଦବଦବା ଦେଖାଇଥିଲେ । ମାତ୍ର କିଛି ଏହି ନିର୍ବାଚନରେ ସଫଳ ହୋଇଥିବାବେଳେ ଅଧିକାଂଶଙ୍କୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି । ଆରଜେଡି ପକ୍ଷରୁ ନିର୍ବାଚନ ଲଢ଼ିଥିବା ଜଣାଶୁଣା କଳାକାର ଖେସାରୀ ଲାଲ ଯାଦବଙ୍କୁ ମଧ୍ୟ ପରାଜୟ ବରଣ କରିବାକୁ ପଡ଼ିଛି । ଶେଷରେ ସେ ରାଜନୀତି ଛାଡ଼ି ଦେଇଛନ୍ତି । ଏବେ ତାଙ୍କ ରାସ୍ତାରେ ସାମିଲ ହୋଇଛନ୍ତି ଆଉ ଜଣେ ଗାୟକ ରିତେଶ ପାଣ୍ଡେ । ଜନ ସୁରାଜ ପାର୍ଟି ପକ୍ଷରୁ ସେ ଗତ ନିର୍ବାଚନ ଲଢ଼ିଥିଲେ । ଏବେ ସେ ପାର୍ଟିରୁ ଇସ୍ତଫା ଦେଇଛନ୍ତି । ରିତେଶ ପାଣ୍ଡେ ବିହାର ନିର୍ବାଚନରେ ଜନ ସୁରାଜ ପାର୍ଟି ପକ୍ଷରୁ ନିର୍ବାଚନ ଲଢ଼ି ମାତ୍ର ୧୦,୨୯୪ ଖଣ୍ଡ ଭୋଟ୍ ପାଇଥିଲେ । ସେ ଚତୁର୍ଥ ସ୍ଥାନରେ ରହିଥିଲେ । ହାରିବାର କିଛିଦିନ ପରେ ଏବେ ସେ ଦଳରୁ ଇସ୍ତଫା ଦେଇଛନ୍ତି ।



ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଦଳରୁ ଇସ୍ତଫା ଦେବାର କାରଣ ପ୍ରକାଶ କରିଛନ୍ତି । ସେ ଲେଖିଛନ୍ତି କି, ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇଥିଲି, ନିର୍ବାଚନ ଲଢ଼ିଛି । ପରାଜୟ ପାଇଁ ଜମା ଦୁଃଖିତ ନୁହେଁ । ମୁଁ ମୋର କାମ ସଚ୍ଚୋଟତାର ସହ କରିଛି । ମୁଁ ଜଣେ ସାଧାରଣ ଋଷୀଘରର ପୁଅ । ଆପଣମାନଙ୍କ ଭଲପାଇବା ମୋତେ ଏହି ଜାଗାରେ ପହଞ୍ଚିଛି । ଯେଉଁ କାମ ପାଇଁ ମୋତେ ଆପଣମାନଙ୍କ ଭଲ ପାଇବା ଦେଇଛି ମୁଁ ସେହି କାମ ଜାରି ରଖିବି । ରାଜନେତିକ ଦଳର ସଦସ୍ୟ କର୍ମୀ ଭାବେ କାମ କରିବା ମୋ ପାଇଁ କଷ୍ଟ । ଏହି କାରଣରୁ ମୁଁ ଦଳରୁ ଇସ୍ତଫା ଦେଉଛି । ତେବେ ସେ ଆଗାମୀ ଦିନରେ କେଉଁ ଦଳରେ ପୁଣି ଯୋଗ ଦେବେ କି ନାହିଁ ସେସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି ।

# ୧୦ ହଜାରରୁ ଅଧିକ ବେଆଇନ ପ୍ରବାସୀଙ୍କୁ ଦେଶରୁ ତଡ଼ିଲା ସାଉଦି ଆରବ

**ରିୟାଦ,୧୨।୧(ଏଜେନ୍ସି):** ସାଉଦି ଆରବ ବେଆଇନ ପ୍ରବାସୀଙ୍କ ବିରୋଧରେ ଏକ ବଡ଼ ଅଭିଯାନ ଆରମ୍ଭ କରିଛି । ଜାନୁଆରି ପ୍ରଥମ ସପ୍ତାହରେ, ୧୮,୮୩୬ ବେଆଇନ ପ୍ରବାସୀଙ୍କୁ ଗିରଫ କରାଯାଇ ସେମାନଙ୍କ ମଧ୍ୟରୁ ୧୦ ହଜାରରୁ ଅଧିକ ଲୋକଙ୍କୁ ଦେଶାନ୍ତର କରାଯାଇଛି । ନିର୍ଦ୍ଦେଶ ଅନୁଯାୟୀ ଦେଶବ୍ୟାପୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଶ୍ରମ ଓ ସୀମା ଆଇନ ଉଲ୍ଲଂଘନ କରୁଥିବା ଲୋକଙ୍କୁ ଦେଶାନ୍ତର କରାଯାଉଛି । ସାଉଦି ଗୃହ ମନ୍ତ୍ରାଳୟ ରିପୋର୍ଟ କରିଛି, ସୁରକ୍ଷା ବାହିନୀ ଏବଂ ସରକାରୀ ସଂସ୍ଥାଗୁଡ଼ିକୁ ନେଇ ଏକ ମିଳିତ ଅଭିଯାନରେ ଜାନୁଆରି ୧ ରୁ ୭ ମଧ୍ୟରେ ଗିରଫଦାରୀ କରାଯାଇଥିଲା । ଅଟକ ରଖାଯାଇଥିବା ଲୋକଙ୍କ ମଧ୍ୟରୁ ୧୧,୭୧୦ ଜଣ ବାସସ୍ଥାନ ଆଇନ ଉଲ୍ଲଂଘନ କରୁଥିବା ବେଳେ ୪,୨୩୯ ଜଣ ସୀମା ସୁରକ୍ଷା ନିୟମ ଉଲ୍ଲଂଘନ କରିଥିଲେ । ସେହିପରି ୨,୮୮୭ ଜଣ ଶ୍ରମ ଆଇନ ଉଲ୍ଲଂଘନ କରୁଥିବା ଜଣାପଡିଥିଲା । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଦେଶାନ୍ତର କରାଯାଇଛି ଏବଂ ଅବଶିଷ୍ଟ ଲୋକଙ୍କୁ ସାଉଦି ଆରବରୁ ବାହାର କରିବା ପାଇଁ ପ୍ରସ୍ତୁତି ଋଲିଛି ବୋଲି ସାଉଦି ଗୃହ ମନ୍ତ୍ରାଳୟ ରିପୋର୍ଟ କରିଛି । ଏହା ପୂର୍ବରୁ ୧୦,୧୯୫ ଜଣଙ୍କୁ ଦେଶାନ୍ତର କରାଯାଇଥିଲା । ଏହା ସହିତ, ୨୦,୯୫୬ ଉଲ୍ଲଂଘନକାରୀଙ୍କୁ ଯାତ୍ରା ଡକ୍ୟୁମେଣ୍ଟ ପାଇବା ପାଇଁ ସେମାନଙ୍କ କୂଟନୈତିକ ମିଶନକୁ ପଠାଇ ଦିଆଯାଇଛି । ସେହିପରି ୫,୨୦୧ ଜଣଙ୍କୁ ଦେଶାନ୍ତର କରାଯିବା ପୂର୍ବରୁ ଯାତ୍ରା ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବାକୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କୁ ଖୁବ୍ ଶୀଘ୍ର ସାଉଦି ଆରବରୁ ବାହାର କରାଯିବ । ସାଉଦି କର୍ତ୍ତୃପକ୍ଷ କହିଛନ୍ତି, ୧,୭୪୧ ଜଣଙ୍କୁ ବେଆଇନ ଭାବରେ ଦେଶରେ ପ୍ରବେଶ କରିବାକୁ ଚେଷ୍ଟା କରିଥିବା ପାଇଁ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରୁ ୩୯ ପ୍ରତିଶତ ୟେମେନରୁ ବିସ୍ଥାପିତ ହୋଇଥିବା ଲୋକ । ସେହିପରି ୬୦ ପ୍ରତିଶତ ଇଥିଓପିଆ ନାଗରିକ ଓ ଏକ ପ୍ରତିଶତ ଅନ୍ୟ ଦେଶର ଲୋକେ । ଏହା ସହିତ ୪୬ ଜଣଙ୍କୁ ବେଆଇନ ଭାବରେ ଦେଶ ଛାଡିବାକୁ ଚେଷ୍ଟା କରିବା ସମୟରେ ଅଟକ ରଖାଯାଇଥିଲା । ସାଉଦି ଆରବ ପକ୍ଷରୁ ବେଆଇନ ଭାବରେ ଦେଶକୁ ପ୍ରବେଶ କରିବାରେ ସାହାଯ୍ୟ କରିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ବେଆଇନ ପ୍ରବାସୀଙ୍କୁ ପରିବହନରେ ସହାୟତା କରିବା, ବାସସ୍ଥାନ ଯୋଗାଇବା ତଥା ନିଯୁକ୍ତି ପ୍ରଦାନ କରିଥିବା ଅଭିଯୋଗରେ ୧୯ ଜଣଙ୍କୁ ଗିରଫ କରାଯାଇଛି । ଏଭଳି ବ୍ୟକ୍ତିଙ୍କୁ ୧୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡାଦେଶ ଏବଂ ୧୦ ଲକ୍ଷ ପର୍ଯ୍ୟନ୍ତ ସାଉଦି ରିୟାଲ ଜରିମାନା ହୋଇପାରେ । ଅପରାଧରେ ବ୍ୟବହୃତ ଯାନବାହନ ଏବଂ ସମ୍ପତ୍ତି ମଧ୍ୟ ଜବତ କରାଯାଇପାରେ ବୋଲି ଗୃହ ମନ୍ତ୍ରଣାଳୟ କହିଛି ।

# ଚୂଡ଼ାନ୍ତ ପର୍ଯ୍ୟାୟରେ ଭାରତ-ଇୟୁ ବାଣିଜ୍ୟ ଆଲୋଚନା

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ଭାରତ ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବାଣିଜ୍ୟ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏଥିସହିତ ଯୁକ୍ତରାଷ୍ଟ୍ର ଆମେରିକା ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ଋଲିଛି ବୋଲି ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆଜି ସୂଚନା ଦେଇଛନ୍ତି । ଗୁଜରାଟର ରାଜକୋଟଠାରେ ଆୟୋଜିତ ଆଞ୍ଚଳିକ ଏମ୍ଏସ୍ଏମ୍ଇ ସମ୍ମିଳନୀରେ ଯୋଗଦେଇ ଏହା କହିଛନ୍ତି । ନିକଟରେ ବ୍ରସେଲ୍ସଠାରେ ଶ୍ରୀ ଗୋୟଲ ଇୟୁର ବାଣିଜ୍ୟ ଏବଂ ଅର୍ଥନୈତିକ ସୁରକ୍ଷା କମିସନର ମାରୋସ୍ ସେଫକୋଭିକଙ୍କ ସହ ବାଣିଜ୍ୟ ଆଲୋଚନା କରିଥିଲେ । ଆଲୋଚନାରେ ଭଲ ଅଗ୍ରଗତି ହୋଇଛି ବୋଲି କହିଥିଲେ । ସମାଧାନ ନହୋଇ ପଡ଼ି ରହିଥିବା ବିଷୟଗୁଡ଼ିକୁ ସମାଧାନ କରିବା ପାଇଁ ଉଭୟ ପକ୍ଷ ସେମାନଙ୍କ



ବାଣିଜ୍ୟ ଆଲୋଚନା ଟିମକୁ ନିର୍ଦ୍ଦେଶ ଦେଇଥିଲେ । ଭାରତ-ଇୟୁ ସମ୍ମିଳନୀ ଚଳିତମାସ ଶେଷ ଆଡ଼କୁ ନୂଆଦିଲ୍ଲୀରେ ହେବ । ତାହା ପୂର୍ବରୁ ବାଣିଜ୍ୟ ରାଜିନାମା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ସାମଗ୍ରୀ କ୍ଷେତ୍ରରେ ଭାରତ ୟୁରୋପୀୟ ସଂଘର ସବୁଠୁ ବଡ଼ ବାଣିଜ୍ୟିକ ସହଯୋଗୀ । ୨୦୨୪-୨୫ରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୩୬ ବିଲିଅନ ଡଲାରରୁ ଅଧିକ ରହିଥିଲା । ଭାରତ ଓ ଆମେରିକା ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ଆସନ୍ତାକାଲି ହେବ ବୋଲି ନୂଆଦିଲ୍ଲୀରେ ଆଜି ଭାରତ ପାଇଁ ଆମେରିକାର ରାଷ୍ଟ୍ରଦୂତ ଭାବେ ସର୍ଜିଓ ଗୋର୍ ଦାୟିତ୍ୱ ଗ୍ରହଣ କରିବା ଅବସରରେ ସୂଚନା ଦେବା ପରେ ଗୋୟଲ ଏହି ମନ୍ତବ୍ୟ ଦେଇଛନ୍ତି ।

# ଭାରତ ଆସିବେ ଟ୍ରମ୍ପ !

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଭାରତ ଗସ୍ତରେ ଆସି ପାରନ୍ତି । ଭାରତରେ ଆମେରିକାର ନୂଆ ରାଷ୍ଟ୍ରଦୂତ ସର୍ଜିୟୋ ଗୋର ସୋମବାର ନୂଆଦିଲ୍ଲୀରେ ନିଜର ଦାୟିତ୍ୱ ଗ୍ରହଣ କରିବା ଅବସରରେ ଏହି କଥାର ସଙ୍କେତ ଦେଇଛନ୍ତି । ସେ କେବଳ ଟ୍ରମ୍ପ ଓ ପିଏମ ମୋଦିଙ୍କ 'ପ୍ରକୃତ ବନ୍ଧୁତ୍ୱ'ର କଥା ଉଲ୍ଲେଖ କରି ନାହାନ୍ତି , ବରଂ ହ୍ୱାଇଟ୍ ହାଉସ୍ ଭିତରର କିଛି ହୃଦୟସ୍ପର୍ଶୀ କଥା ମଧ୍ୟ ସେୟାର କରିଛନ୍ତି । ସର୍ଜିୟୋ ଗୋର ନିଜର ପ୍ରଥମ ସମ୍ବୋଧନରେ କହିଛନ୍ତି ଯେ, ରାଷ୍ଟ୍ରପତି ଟ୍ରମ୍ପ ଅନେକ ସମୟରେ ନିଜର ଗତ ଭାରତ ଯାତ୍ରାକୁ ମନେପକାନ୍ତି ଏବଂ ଆଗାମୀ ବର୍ଷେ ଦି' ବର୍ଷ ମଧ୍ୟରେ ଆଉ ଥରେ ଭାରତ ଆସିବାକୁ ଯୋଜନା କରୁଛନ୍ତି । ସେ କହିଛନ୍ତି - ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଏଠାକୁ ତାଙ୍କୁ ଗତ ଯାତ୍ରା ମନେଅଛି । ମୁଁ ଗତ ସପ୍ତାହରେ ରାଷ୍ଟ୍ରପତିଙ୍କ ସହ ଥିଲି ଏବଂ ଯେବେ ଆମେ ନୂଆ ବର୍ଷର ଠିକ୍ ପରେ ଡିନର କଲୁ , ତ ସେ ଏଠାକୁ ଆସିବାର ନିଜର ସୁନ୍ଦର ଅନୁଭବ ଓ ଭାରତର ମହାନ ପ୍ରଧାନମନ୍ତ୍ରୀ , ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ତାଙ୍କର ନିବିଡ଼ ବନ୍ଧୁତା ବିଷୟରେ କହିଥିଲେ । ମୋର ବିଶ୍ୱାସ ଯେ, ରାଷ୍ଟ୍ରପତି ଖୁବ୍ ଶୀଘ୍ର ଆମକୁ ଭେଟିବାକୁ ଆସିବେ , ଆଶା ଯେ, ଆଗାମୀ ବର୍ଷେ ଦୁଇ ବର୍ଷ ମଧ୍ୟରେ ସେ ଭାରତ ଆସିବେ । ରାଷ୍ଟ୍ରଦୂତ ସର୍ଜିୟୋ ଗୋର୍ ଦୁଇ ଦେଶ ମଧ୍ୟରେ ଋଲିଥିବା ବ୍ୟାବସାୟିକ ଓ ଟାରିଫ୍ ବିବାଦ ଉପରେ ମଧ୍ୟ ଖୋଲି କରି କହିଛନ୍ତି । ସେ କହିଛନ୍ତି , ମୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ପୂରା ଦୁନିଆ ବୁଲିଛି ଏବଂ ମୁଁ ଏହା ଦାବିର ସହ କରିପାରିବି ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ତାଙ୍କର ବନ୍ଧୁତା 'ପ୍ରକୃତ' । ପ୍ରକୃତ ବନ୍ଧୁତାରେ ଅସହମତି ହୋଇପାରେ , କିନ୍ତୁ ସେମାନେ ଶେଷରେ ନିଜର ମତଭେଦ ସମାଧାନ କରିଦେଇ ଥାନ୍ତି । ଏହି ବୟାନ ଏମିତି ସମୟରେ ଆସିଛି , ଯେତେବେଳେ ଭାରତ ଓ ଆମେରିକା ମଧ୍ୟରେ ବ୍ୟାବସାୟିକ ଓ ଟାରିଫରୁ ନେଇ କିଛି ମାତ୍ରାରେ ମତଭେଦ ସୃଷ୍ଟି ହୋଇଛି । ଗୋର ଭରସା ଦେଇଛନ୍ତି ଯେ, ଦୁଇ ଦେଶ ଏହି ମାମଲାକୁ ସମାଧାନ କରିବା ପାଇଁ ସକ୍ରିୟ ରୂପେ କଥାବାର୍ତ୍ତା କରୁଛନ୍ତି । ରାଷ୍ଟ୍ରଦୂତ ଟ୍ରମ୍ପ ଓ ମୋଦିଙ୍କ ବନ୍ଧୁତାର ଗଭୀରତାକୁ ଦର୍ଶାଇ ପାଇଁ ଏକ ବଢ଼ିଆ କଥା କହିଥିଲେ । ସେ କହିଥିଲେ - ରାଷ୍ଟ୍ରପତି ଟ୍ରମ୍ପଙ୍କ ଅଭ୍ୟାସ ଯେ, ସେ ରାତି ୨ଟା ସମୟରେ ଫୋନ୍ କରନ୍ତି ଏବଂ ନୂଆଦିଲ୍ଲୀର ଟାଇମ୍ ଡିଫରେନ୍ସକୁ ଦେଖନ୍ତି , ଏହି ଅଭ୍ୟାସ ଭାରତ ସହ ସଂପର୍କରେ ଖୁବ୍ ଫିଟ୍ ହୋଇଥାଏ । ନିଜର ସମ୍ବୋଧନରେ ସର୍ଜିୟୋ ଗୋର ଏକ ବଡ଼ ଘୋଷଣା ମଧ୍ୟ କରିଛନ୍ତି ।

# ପେଟ୍ରୋଲ ପମ୍ପରେ ମାରୁତି ଖୋଲିବ ସର୍ଭିସ ସେଣ୍ଟର

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ଏଣିକି ପେଟ୍ରୋଲ ପମ୍ପ ଗୁଡ଼ିକରେ ମାରୁତି ସୁଜୁକି ଇଣ୍ଡିଆ ସର୍ଭିସ ସେଣ୍ଟର ଖୋଲିବ। ଏଥିପାଇଁ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ଏବଂ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ (ଆଇଓସି) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଦେଶର ବଛାବଛା ପେଟ୍ରୋଲ ପମ୍ପଗୁଡ଼ିକରେ ଏହି ସେଣ୍ଟର ସ୍ଥାପନ କରାଯିବ । କାର୍ ଗ୍ରାହକମାନେ ଗାଡ଼ିର ନିୟମିତ ରକ୍ଷଣାବେକ୍ଷଣ ସହିତ ଛୋଟକାଟିଆ ମରାମତି ଏବଂ ପ୍ରମୁଖ ସେବା ଏଠାରେ ପାଇପାରିବେ । ଦେଶରେ ଆଇଓସିଏଲର ୪୧ ହଜାରରୁ ଅଧିକ ପେଟ୍ରୋଲ ପମ୍ପ ରହିଛି । ସଂପ୍ରତି ମାରୁତି ସୁଜୁକି ଇଣ୍ଡିଆର ଦେଶର ୨୮୮୨ଟି ସହରରେ ୫୭୮୦ଟି ସର୍ଭିସ ଷ୍ଟେସନ ରହିଛି। ପେଟ୍ରୋଲ ପମ୍ପଗୁଡ଼ିକରେ ମାରୁତି ସୁଜୁକି ଇଣ୍ଡିଆର ସର୍ଭିସ ସେଣ୍ଟର ଖୋଲିବା ଫଳରେ ଗାଡ଼ି ମାଲିକଙ୍କ ପାଇଁ ବିକ୍ରି ପରବର୍ତ୍ତୀ ସେବା ପାଇବା ସହଜ ହେବ ।

# ମମତା ବିରୋଧରେ ଏଫ୍‌ଆଇଆର ରୁଜୁ କରିବାକୁ ଇଡିର ଦାବି

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଡୁଆ ବଢିବାରେ ଲାଗିଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମମତାଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ୍ ଦାଖଲ କରିଛି, ଯେଉଁଥିରେ ତିନି ଜଣ ଇଡି ଅଧିକାରୀଙ୍କୁ ଧମକ ଏବଂ ଭୟଭୀତ କରାଯାଇଥିବା ଅଭିଯୋଗ କରାଯାଇଛି । ଏହି ମାମଲା ୮ ଜାନୁଆରୀରେ କୋଲକାତାରେ କରାଯାଇଥିବା ଇଡି ରେଡ୍ ବେଳେ ଘଟିଥିଲା, ଯେଉଁଥିରେ ଇଡି ଅଧିକାରୀମାନଙ୍କ ସହିତ ଦୁର୍ବ୍ୟବହାର କରାଯାଇଥିଲା । ଇଡି କହିଛି ଯେ କୋଲକାତାରେ ସର୍ଚ୍ଚ ଅପରେସନ୍ ସମୟରେ, ଏହାର ଅଧିକାରୀମାନଙ୍କୁ ଭୁଲ ଭାବରେ ଅଟକାଯାଇଥିଲା ଏବଂ ସେମାନଙ୍କ କାମରେ ବାଧା ଦିଆଯାଇଥିଲା । ଏହି ପିଟିସନ୍ ପଶ୍ଚିମବଙ୍ଗ ସରକାର ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୁଦ୍ଧରେ ଦାୟର କରାଯାଇଛି । ଏହି ପିଟିସନରେ ଇଡି କହିଛି ଯେ ଯାଞ୍ଚ ସମୟରେ, ମମତା ବାନାର୍ଜୀ, ଡିଜିପି ରାଜୀବ କୁମାର ଏବଂ ସିପି ମନୋଜ ବର୍ମା ତାଙ୍କର କାର୍ଯ୍ୟରେ ବାଧା ଦେବା ଏବଂ ପ୍ରଭାବିତ କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ । ଇଡିର ଆବେଦନରେ ଏହା ମଧ୍ୟ ଅଭିଯୋଗ କରାଯାଇଛି ଯେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୮ ଜାନୁଆରୀରେ ୨୭୪୨ କୋଟି କୋଇଲା ଦୁର୍ନୀତି ସମ୍ପର୍କରେ କରାଯାଇଥିବା ତଲାସୀରେ ବଳପୂର୍ବକ ହସ୍ତକ୍ଷେପ କରିଥିଲେ । ମମତା ଏବଂ ଅନ୍ୟାନ୍ୟ ରାଜ୍ୟ ଅଧିକାରୀମାନେ ସିବିଆଇ ଏବଂ ଇଡି କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ ଏବଂ ବିରୋଧ କରିଥିଲେ । ଏହାଛଡା ଆବେଦନରେ ଦାବି କରାଯାଇଛି ଯେ,ଟିଏମସି ସମର୍ଥକ ହାଇକୋର୍ଟଙ୍କ କାର୍ଯ୍ୟକୁ ପ୍ରଭାବିତ କରିବାର ଚେଷ୍ଟା କରିଛନ୍ତି । ହ୍ୱାଟସଆପ୍ ଗ୍ରୁପ୍ ଜରିଆରେ ଟିଏମସି ସମର୍ଥକ ହଙ୍ଗାମା ମଧ୍ୟ କରିଛନ୍ତି । ଘଟଣା ଦିନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୧୦୦ ପୁଲିସକର୍ମୀଙ୍କ ସହ ପ୍ରତୀକ ଜେନଙ୍କ ବାସଭବନରେ ପଶିଥିଲେ । ଇଡି ଜବତ କରିଥିବା ତାଙ୍କ ଲାପଟପ୍, ମୋବାଇଲ ଓ ଜରୁରୀ କାଗଜ-ପତ୍ର ଛଡାଇ ନେଇ ଯାଇଥିଲେ । ଇଡି ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛି ମମତା ବାନାର୍ଜୀ, ଡିଜିପି ରାଜୀବ କୁମାର ଏବଂ ସିପି ମନୋଜ ବର୍ମାଙ୍କ ବିରୋଧରେ ସିବିଆଇ ଏଫଆଇଆର ପଞ୍ଜିକରଣ କରି ତଦନ୍ତ କରାଯାଉଛି । ଏହି ମାମଲା ପଶ୍ଚିମବଙ୍ଗର କୋଇଲା ଦୁର୍ନୀତି ସହିତ ଜଡିତ, ଯାହାର ତଦନ୍ତ ଇଡି ଏବଂ ସିବିଆଇ ଉଭୟ କରୁଛନ୍ତି । ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବ, କିନ୍ତୁ ଏହା ନିଶ୍ଚିତ ଭାବରେ ମମତା ବାନାର୍ଜୀ ଏବଂ ତାଙ୍କ ସରକାରଙ୍କ ପାଇଁ ଏକ ନୂତନ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

# ରାଜ୍ ଠାକରେଙ୍କ 'ରସମଲାଇ' ମନ୍ତବ୍ୟରେ ଅନ୍ନାମଲାଇଙ୍କ ତୀବ୍ର ପ୍ରତିକ୍ରିୟା

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ୍ ଠାକରେ ଓ ତାମିଲନାଡୁର ବିଜେପି ନେତା କେ ଅନ୍ନାମଲାଇଙ୍କ ମଧ୍ୟରେ ବାକ୍ ଯୁଦ୍ଧ ଆରମ୍ଭ ହୋଇଯାଇଛି। ରାଜ୍ ଅନ୍ନାମଲାଇଙ୍କୁ 'ରସ୍ମଲାଇ' କହି ଉପହାସ କରିବା ସହିତ ଧୋତିକୁ ଲୁଙ୍ଗି ଭାବେ ବର୍ଣ୍ଣନା କରିଥିଲେ । ଅନ୍ନାମଲାଇ ମୁମ୍ବାଇ ପ୍ରସଙ୍ଗରେ କହିବାକୁ କିଏ ବୋଲି ରାଜ୍ କହିବା ସହିତ 'ହଟାଓ ଲୁଙ୍ଗି,ବଜାଓ ପୁଙ୍ଗି' ବୋଲି ସ୍ଲୋଗାନ ଦେଇଥିଲେ । ଜାନୁଆରି ୧୫ରେ ମୁମ୍ବାଇ ସମେତ ମହାରାଷ୍ଟ୍ରର ୨୯ଟି ମ୍ୟୁନିସିପାଲ କର୍ପୋରେସନରେ ନିର୍ବାଚନ ଅନୁଷ୍ଠିତ ହେବ । ନିର୍ମାଚନ ପ୍ରଚାର ଅବସରରେ ଏମ୍ଏନ୍ଏସ୍ ଓ ଶିବସେନା (ୟୁବିଟି)ର ଯୁଗ୍ମ ରାଲିକୁ ସମ୍ବୋଧିତ କରି ରାଜ୍ ଅନ୍ନାମଲାଇଙ୍କୁ ଟାର୍ଗେଟ କରିଥିଲେ । ମୁମ୍ବାଇ ଓ ତାମିଲ ଆଇକନ କେ କାମରାଜଙ୍କୁ ନେଇ ଅନ୍ନାମଲାଇଙ୍କ ମନ୍ତବ୍ୟ ପରେ ରାଜ୍ ଠାକ୍ରେ ଏହି କହିଥିଲେ । ତେବେ ସୋମବାର ଅନ୍ନାମଲାଇ ଏହା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ତାଙ୍କୁ ଧମକ ଦେବାକୁ ଏମ୍ଏନ୍ଏସ୍ ମୁଖ୍ୟ କିଏ ? ସେ ଜଣେ କୃଷକଙ୍କ ପୁଅ, ଏପରି ରାଜନେତିକ ଧମକ ଦ୍ୱାରା ସେ ଭୟଭୀତ ହୁଅନ୍ତି ନାହିଁ । ଅନ୍ନାମଲାଇ ଗଣମାଧ୍ୟମ ରିପୋର୍ଟ ଯେଉଁଥିରେ ସେ ମୁମ୍ବାଇ ଆସିଲେ ସେମାନେ (ଏମ୍ଏନ୍ଏସ୍ ଓ ଶିବସେନା ୟୁବିଟି କର୍ମୀ) ତାଙ୍କ ଗୋଡ଼ କାଟିଦେବେ ବୋଲି ଧମକ ଦେଇଛନ୍ତି । ସେହି ପରିପ୍ରେକ୍ଷୀରେ ଏହି ମନ୍ତବ୍ୟ ଦେଇଥିଲେ । ଅନ୍ନାମଲାଇ କହିଛନ୍ତି, ମୁଁ ଯଦି କହିବି କାମରାଜ ଭାରତର ଜଣେ ମହାନ ନେତା ଥିଲେ ତା'ମାନେ ନୁହେଁ କି ସେ ତାମିଲ ଲୋକ ନୁହନ୍ତି । ମୁଁ ଯଦି କହିବି ମୁମ୍ବାଇ ଏକ ବିଶ୍ୱସ୍ତରୀୟ ସହର ତା'ର ଅର୍ଥ ନୁହେଁ, ମହାରାଷ୍ଟ୍ର ଲୋକ ଏହାର ନିର୍ମାଣ କରିନାହାନ୍ତି । ତାଙ୍କ ବିରୋଧରେ ଯେଉଁ ମନ୍ତବ୍ୟ ରାଜ୍ ଠାକରେ ଦେଇଛନ୍ତି ତାହା ତାମିଲ ଲୋକଙ୍କୁ ଅପମାନ କରିବାର ସମସ୍ତ ସୀମା ପାର୍ କରିଛି ବୋଲି ପୂର୍ବତନ ଆଇପିଏସ୍ ଅଧିକାରୀ କହିଛନ୍ତି ।

# ସିଲିଗୁଡ଼ିରେ ପୁଣି ଆରମ୍ଭ ହେଲା ଟୟ ଟ୍ରେନ୍ ସଫାରି

**ପଶ୍ଚିମବଙ୍ଗ,୧୨।୧(ଏଜେନ୍ସି):** ପଶ୍ଚିମବଙ୍ଗର ସିଲିଗୁଡ଼ିରେ ସ୍ଥାନୀୟ ପର୍ଯ୍ୟଟନ ପୁଣି ଥରେ ପୁନର୍ଜୀବିତ ହୋଇଛି। ବହୁ ଦିନ ଧରି ବନ୍ଦ ଥିବା ଟୟ ଟ୍ରେନ୍ ଜଙ୍ଗଲ ସଫାରି ଏବେ ଏକ ନୂତନ ରୂପରେ କାର୍ଯ୍ୟକ୍ଷମ ହୋଇଛି । ସିଲିଗୁଡ଼ିରୁ ଗୟାବାରି ପର୍ଯ୍ୟନ୍ତ ଋଲୁଥିବା ଏହି ସ୍ୱତନ୍ତ୍ର ଯାତ୍ରା ପର୍ଯ୍ୟଟକମାନଙ୍କୁ ମାତ୍ର ୫୦୦ ଟଙ୍କାରେ ପାହାଡ଼ ଏବଂ ଜଙ୍ଗଲର ଆନନ୍ଦ ପ୍ରଦାନ କରେ । ପର୍ବତ ଦୃଶ୍ୟ ଦେଖିବା ପାଇଁ ଆଉ ଦାର୍ଜିଲିଂ ଯାତ୍ରା କରିବାର ଆବଶ୍ୟକତା ନାହିଁ। ସ୍ଥାନୀୟ ପର୍ଯ୍ୟଟନ ଏବଂ ନିଯୁକ୍ତି ବୃଦ୍ଧି କରିବା ଲକ୍ଷ୍ୟରେ ଦାର୍ଜିଲିଂ ହିମାଳୟାନ ରେଳବାଇ ଏହି ସେବାକୁ ପୁନଃସ୍ଥାପିତ କରିଛି । ଏହି ସଫାରି ୨୦୦୭ରୁ ୨୦୦୯ ପର୍ଯ୍ୟନ୍ତ ଋଲିଥିଲା, କିନ୍ତୁ ବିଭିନ୍ନ କାରଣ ଯୋଗୁଁ ଏହାକୁ ବନ୍ଦ କରିଦିଆଯାଇଥିଲା । ଏବେ, DHR ଏକ ଘରୋଇ କମ୍ପାନୀ ସହିତ ସହଭାଗୀତାରେ ଏହି ପ୍ରକଳ୍ପକୁ ପୁନର୍ଜୀବିତ କରିଛି । ଅଧିକାରୀଙ୍କ ଅନୁଯାୟୀ, ଏହା ସିଲିଗୁଡ଼ି ଅଞ୍ଚଳରେ ପର୍ଯ୍ୟଟନକୁ ବୃଦ୍ଧି କରିବ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହି ଜଙ୍ଗଲ ସଫାରିରେ ମୋଟ ତିନୋଟି କୋଚ୍ ଅନ୍ତର୍ଭୁକ୍ତ। ଦୁଇଟି କୋଚ୍ ଏକ ଘରୋଇ କମ୍ପାନୀର ତତ୍ତ୍ୱାବଧାନରେ ରହିବ । ସେମାନେ ସୁରକ୍ଷା କର୍ମୀ, ଟ୍ରେନ୍ ହୋଷ୍ଟେସ୍, ଜଳଖିଆ, ଟିଫିନ୍ ଏବଂ ମଧ୍ୟାହ୍ନ ଭୋଜନ ଭଳି ଅତିରିକ୍ତ ସୁବିଧା ପ୍ରଦାନ କରିବେ । ଗୋଟିଏ କୋଚ୍ ଏକ ମିତବ୍ୟୟୀ କୋଚ୍ ହେବ, ଯାହା IRCTC ଦ୍ୱାରା ପରିଚାଳିତ ହେବ ଏବଂ ଏହାର ମୂଲ୍ୟ ୫୦୦ ଟଙ୍କା ହେବ । ଯାତ୍ରା ସମୟରେ ଆଖପାଖ ଜଙ୍ଗଲ ଏବଂ ପାହାଡ଼ର ସୁନ୍ଦର ଦୃଶ୍ୟ ପର୍ଯ୍ୟଟକଙ୍କ ପାଇଁ ଏକ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିବ । ଏହି ସମୟରେ, ବାଂଲାଦେଶରେ ଋଲିଥିବା ହିଂସା ଏବଂ ଅରାଜକତା ଭାରତ-ବାଂଲାଦେଶ ସୀମାରେ ଟ୍ରକ୍ ଡ୍ରାଇଭରମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି । ସିଲିଗୁଡ଼ିର ଫୁଲବାରୀ ସୀମାରେ ବାଂଲାଦେଶୀ ଟ୍ରକ୍ ଡ୍ରାଇଭରମାନେ ଖୋଲାଖୋଲି ଭାବରେ ସେମାନଙ୍କର ଚିନ୍ତା ପ୍ରକାଶ କରୁଛନ୍ତି । ବାଂଲାଦେଶର ପରିସ୍ଥିତି ବହୁତ ଖରାପ । ସବୁଠି ହିଂସା, ଲୁଟପାଟ ଏବଂ ମାରାତ୍ମକ ଆକ୍ରମଣ ହେଉଛି । ଅନ୍ଧାର ହେବା ମାତ୍ରେ ରାସ୍ତାରେ ଡକାୟତଙ୍କ ଆତଙ୍କ ବଢ଼ିଯାଏ । ଟ୍ରକ୍ ଡ୍ରାଇଭରମାନେ ମଧ୍ୟ ସୁରକ୍ଷିତ ନୁହଁନ୍ତି, ଢାକାର ଜଣେ ଟ୍ରକ୍ ଡ୍ରାଇଭର ରବିମିଆଁ ମହମ୍ମଦ କହିଛନ୍ତି ।



# ଟ୍ରମ୍ପଙ୍କୁ ପ୍ରଶଂସା କଲେ ଆମେରିକାର ରାଷ୍ଟ୍ରଦୂତ

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି):** ଭାରତରେ ଆମେରିକାର ରାଷ୍ଟ୍ରଦୂତ ପଦ ଗ୍ରହଣ କରିଛନ୍ତି ସର୍ଜିଓ ଗର୍ । ସେ ପଦଭାର ଗ୍ରହଣ କରିବା ପରେ ଭାରତ-ଆମେରିକା ରଣନୈତିକ ସହଭାଗୀତା ସମ୍ପର୍କରେ ଦେଇଛନ୍ତି ବଡ଼ ବୟାନ । ସେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବନ୍ଧୁତା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଟ୍ରମ୍ପ ଏବଂ ମୋଦିଙ୍କ ମଧ୍ୟରେ ରହିଛି ପ୍ରକୃତ ବନ୍ଧୁତ୍ୱ ଗର୍ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟ୍ରମ୍ପଙ୍କ 'ପ୍ରିୟ ବନ୍ଧୁ' ବୋଲି କହିଥିଲେ । ସେ କହିଥିଲେ ଦୁଇ ନେତାଙ୍କ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଏବଂ ସମ୍ମାନ ରହିଛି। ସେର୍ଗିଓ ଗର୍ କହିଛନ୍ତି ଭାରତକୁ ଆସନ୍ତା ମାସରେ ଆମେରିକା ନେତୃତ୍ୱାଧୀନ ନୂତନ ବିଶ୍ୱସ୍ତରୀୟ ପଦକ୍ଷେପ, ପାକ୍ସ ସିଲିକାରେ ପୂର୍ଣ୍ଣ ସଦସ୍ୟ ଭାବରେ ଯୋଗଦେବାକୁ ନିମନ୍ତ୍ରଣ କରାଯିବ । ଏହି ଘୋଷଣାକୁ ଦୁଇ ଦେଶ ମଧ୍ୟରେ ପ୍ରଯୁକ୍ତିବିଦ୍ୟା, ଯୋଗାଣ ଶୃଙ୍ଖଳା ଏବଂ ରଣନୈତିକ ସହଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ପାକ୍ସସିଲିକା ଆମେରିକା ଦ୍ୱାରା ଗତ ମାସ ଆରମ୍ଭ ହୋଇଥିବା ଏକ ନୂତନ ରଣନୈତିକ ପଦକ୍ଷେପ । ଏହାର ଉଦ୍ଦେଶ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ, ଶକ୍ତି ଇନପୁଟ୍, ଆଡଭାନ୍ସ ମାନୁଫାକଚରିଂ, ସେମି କଣ୍ଡକ୍ଟର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଡେଭଲପମେଣ୍ଟ ଓ ଲଜିଷ୍ଟିକ୍ସସମ୍ପର୍କିତ ଏକ ସୁରକ୍ଷିତ, ସମୃଦ୍ଧ ଓ ଇନୋଭେସନ୍-ଆଧାରିତ ସିଲିକନ୍ ସପ୍ଲାଇ ଚେନ୍ ତିଆରି କରିବା । ଗର୍ କହିଛନ୍ତି ଜାପାନ, ଦକ୍ଷିଣ ୟୁକେ ଏବଂ ଇସ୍ରାଏଲ ପୂର୍ବରୁ ଏହି ପ୍ରୟାସରେ ଯୋଗ ଦେଇଛନ୍ତି ଏବଂ ଏବେ ଭାରତକୁ ଏହି ଗୋଷ୍ଠୀର ପୂର୍ଣ୍ଣ ସଦସ୍ୟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହେଉଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ, ସର୍ଗିଓ ଗୋର୍ କହିଛନ୍ତି ଦୁଇ ଦେଶ ମଧ୍ୟରେ ଆଲୋଚନା ଋଲିଛି । ଉଭୟ ପକ୍ଷ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ସ୍ଥିର କରିଛନ୍ତି, ଏବଂ ପରବର୍ତ୍ତୀ ଆନୁଷ୍ଠାନିକ ଆଲୋଚନା ଆସନ୍ତାକାଲି ପାଇଁ ହେବାକୁ ଯାଉଛି । ଗର୍ ଭାରତର ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ନମସ୍କାର, ଏଠାକୁ ଆସିବା ଏକ ମହାନ ଅଭିଜ୍ଞତା। ଆମର ଲକ୍ଷ୍ୟ ହେଉଛି ଭାରତ-ଆମେରିକା ସହଭାଗୀତାକୁ ପରବର୍ତ୍ତୀ ସ୍ତରକୁ ନେବା ।' ସେ ୨୦୨୩ ରେ ଜୟପୁର, ରଣଥମ୍ବୋର ଏବଂ ପଞ୍ଜାବ ଗସ୍ତ କରିଥିବା ସମୟରେ ତାଙ୍କର ପ୍ରଥମ ଭାରତ ଗସ୍ତକୁ ମନେ ପକାଇଛନ୍ତି ।ସେ କହିଛନ୍ତି ଯେ ଭାରତର ଲୋକମାନେ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ଏବଂ 'ଇନକ୍ରେଡିବଲ୍ ଭାରତ' ପ୍ରକୃତରେ ଏହାର ନାମ ଅନୁଯାୟୀ ରହିଛି ।



## ଜାତୀୟ ଯୁବଦିବସ ପାଳିତ

**ଗଞ୍ଜାମ, ୧୨।୧ (ନି.ପ୍ର):** ମାଇଁ ଭାରତ ପକ୍ଷରୁ ଗଞ୍ଜାମ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ଆନୁକୂଲ୍ୟରେ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗଞ୍ଜାମ ସହର ଦୁର୍ଗାଦେବୀ ସାହିରେ ରହିଥିବା ସ୍ୱାମୀ ବିବେକାନନ୍ଦ ଙ୍କ ପ୍ରତିମୂର୍ତ୍ତୀ ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଉମାକାନ୍ତ ବେହେରାଙ୍କ ସଭାରେ ଏକ ସ୍ମୃତି ସଭାରେ ଗଞ୍ଜାମ ପ୍ରେସ କ୍ଲବ ସଭାପତି ମୁଖ୍ୟ ଅତିଥିଭାବେ ଶବର ତରାଇ, ସମ୍ପାଦକ ବିଦ୍ୟାଧର ସାହୁ, ପ୍ରଦୀପ କୁମାର ପଣ୍ଡା,



ନିରଞ୍ଜନ ପରିଡା ପ୍ରମୁଖ ଙ୍କ ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ରହି ଦୀପ ପ୍ରଜ୍ଜଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏସ ଏମ ଟିୟୁଟାରିୟାଲରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା ସୁଶ୍ରୀ ବିଜୟଲକ୍ଷ୍ମୀ ତତ୍ତ୍ୱାବଧାନରେ ବକ୍ତୃତା ଓ କ୍ୟୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯଶୋଦା ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ସୁନିତା ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ ଗଜେନ୍ଦ୍ର ତରାଇ, ଖଣ୍ଡଦେଉଳି ସହିଦ ଭଗତସିଂ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧାପକ ଡ଼ଃ. ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱାମୀଜୀଙ୍କ ସ୍ମୃତି ଚାରଣ କରି କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଉପସଭାପତି ରାକେଶ କୁମାର ନାୟକ, ମହାପ୍ରସାଦ ମହାପାତ୍ର, ସୁଦର୍ଶନ ପାଢ଼ୀ, ରାଧାରମଣ ପାଢ଼ୀ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

## କ୍ରେଡାଇ ଓଡିଶା ପକ୍ଷରୁ ସାଧାରଣ କ୍ଷେତ୍ର ଉପରେ ଷ୍ଟାମ୍ପ ଡ୍ୟୁଟି ସଂସ୍କାରକୁ ସ୍ୱାଗତ

**ଭୁବନେଶ୍ୱର, ୧୨।୧ (ନି.ପ୍ର) :** ଓଡ଼ିଶା ସରକାର, ସାଧାରଣ କ୍ଷେତ୍ର ଏବଂ ସୁବିଧା ହସ୍ତାନ୍ତର ଉପରେ ଷ୍ଟାମ୍ପ ଡ୍ୟୁଟିକୁ ଯୁକ୍ତିଯୁକ୍ତ କରି ଆପାର୍ଟମେଂଟ ପ୍ରକଳ୍ପର ପୀକରଣ ପ୍ରକ୍ରିୟାରେ ଏକ ପ୍ରମୁଖ ସଂସ୍କାର ଆଣିଛନ୍ତି । ଏହି ପଦକ୍ଷେପକୁ ଭାରତୀୟ ରିଅଲ ଇଷ୍ଟେଟ୍ ଡେଭଲପର୍ସ ଆସୋସିଏସନ୍ (କ୍ରେଡାଇ), ଓଡ଼ିଶା ରାଜ୍ୟ ଫେଡେରେସନ୍ ଆନ୍ତରିକ କୃତଜ୍ଞତା ଜଣାଇଛି। ଦଲିଲ ସମ୍ପାଦନ ପାଇଁ ୫% ଷ୍ଟାମ୍ପ ଡ୍ୟୁଟି ଦେବାର ଆବଶ୍ୟକତା ଆପାର୍ଟମେଂଟ ମାଲିକମାନଙ୍କ ଉପରେ ଏକ ବଡ଼ ଆର୍ଥିକ ବୋଝ ସୃଷ୍ଟି କରିଥିଲା ଏବଂ ସଠିକ୍ ସମୟରେ ପିକରଣ କରିବା କ୍ଷେତ୍ରରେ ବ୍ୟାବହାରିକ ବାଧା ସୃଷ୍ଟି କରିଥିଲା। ଏହି ସମସ୍ୟାର ସମାଧାନ କରିବା ଏବଂ ପ୍ରକ୍ରିୟାକୁ ସରଳ କରିବା ପାଇଁ, ରାଜ୍ୟ ସରକାର ବର୍ତ୍ତମାନ ଇଣ୍ଡିଆନ ଷ୍ଟାମ୍ପ ଆକ୍ଟ, ୧୮୯୯' ର ସିଡ୍ୟୁଲ-ଆଇ-ଏ ର ଆର୍ଟିକିଲ-୨୩ ଅଧୀନରେ ଏକ ନୂତନ 'କ୍ଲଜ୍-ଡି' ସନ୍ନିବେଶିତ କରିଛନ୍ତି। ଏହି ସଂଶୋଧନ ଫଳରେ, ସାଧାରଣ ସ୍ଥାନ ଏବଂ ସୁବିଧାଗୁଡ଼ିକର ହସ୍ତାନ୍ତର ଦଲିଲ ସମ୍ପାଦନ ପାଇଁ 'ଅଲୋଟି ଆସୋସିଏସନ'କୁ ବର୍ତ୍ତମାନ ମାତ୍ର ୫୦,୦୦୦ ଟଙ୍କାର ଏକ ନାମମାତ୍ର ଷ୍ଟାମ୍ପ ଶୁଳ୍କ ଦେବାକୁ ପଡ଼ିବ।

ନ୍ୟାସନାଲ କ୍ରେଡାଇର ଉପାଧକ୍ଷ ତଥା କ୍ରେଡାଇ ଓଡ଼ିଶା ଷ୍ଟେଟ୍ ଫେଡେରେସନର ସଭାପତି ଶ୍ରୀ ସ୍ୱଦେଶ କୁମାର ରାଉତରାୟ, ସମ୍ପାଦକ ଶ୍ରୀ ଅନିଲ କୁମାର ଅଗ୍ରୱାଲ ଏବଂ କ୍ରେଡାଇ ଭୁବନେଶ୍ୱରର ସଭାପତି ଶ୍ରୀ ଶେଖ୍ ମେରାଜୁଲ ହକ୍, ସମ୍ପାଦକ ଶ୍ରୀ କଳିଙ୍ଗ କେଶରୀ ରଥଙ୍କ ସମେତ କ୍ରେଡାଇ ଓଡ଼ିଶା ଷ୍ଟେଟ୍ ଫେଡେରେସନ ଓ ଏହାର ସହର ଶାଖାଗୁଡ଼ିକର ଅନ୍ୟାନ୍ୟ କର୍ମକର୍ତା ମାନେ, ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ, ମାନ୍ୟବର ଆଇନ ବିଭାଗ ମନ୍ତ୍ରୀ ଏବଂ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ତଥା ଏକାମ୍ର-ଭୁବନେଶ୍ୱରର ମାନ୍ୟବର ବିଧାୟକ ଶ୍ରୀ ବାବୁ ସିଂହଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟର ଗୃହ କ୍ରେତା ଏବଂ ହାଉସିଂ ସୋସାଇଟିଗୁଡ଼ିକ



ସମ୍ମୁଖୀନ ହେଉଥିବା ଏକ ଦୀର୍ଘ ଦିନର ସମସ୍ୟାର ସମାଧାନ ପାଇଁ ସେମାନଙ୍କର ସକ୍ରିୟ ଏବଂ ତ୍ୱରିତ ପଦକ୍ଷେପ ନିମନ୍ତେ ଏହି ଧନ୍ୟବାଦ ଅର୍ପଣ କରାଯାଇଛି। ଏହି ନିଷ୍ପତ୍ତିକୁ ସ୍ୱାଗତ କରି କ୍ରେଡାଇ ଓଡ଼ିଶାର ସଭାପତି ଶ୍ରୀ ରାଉତରାୟ କହିଛନ୍ତି, 'ଏହା ଏକ ପ୍ରଗତିଶୀଳ ଏବଂ ଗୃହମାଲିକ-ଅନୁକୂଳ ସଂସ୍କାର, ଯାହା ଆପାର୍ଟମେଂଟ ପିକରଣ କ୍ଷେତ୍ରରେ ଥିବା ଏକ ପ୍ରମୁଖ ଆର୍ଥିକ ଏବଂ ପ୍ରକ୍ରିୟାଗତ ବାଧାକୁ ଦୂର କରିଛି। ଆପାର୍ଟମେଂଟ ମାଲିକମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇ ଏକ ସ୍ୱଚ୍ଛ, ବ୍ୟାବହାରିକ ଏବଂ ଦକ୍ଷ ବ୍ୟବସ୍ଥା ପ୍ରସ୍ତୁତ କରିଥିବାରୁ ଆମେ ଓଡ଼ିଶା ସରକାର, ବିଶେଷ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଆଇନ ଏବଂ ରାଜସ୍ୱ ବିଭାଗକୁ ଆଂରିକ ଧନ୍ୟବାଦ ଜଣାଉଛୁ। ଏହି ପଦକ୍ଷେପ ଆପାର୍ଟମେଂଟ ମାଲିକାନା ବ୍ୟବସ୍ଥାକୁ ଯଥେଷ୍ଟ ମଜବୁତ କରିବ ଏବଂ ଗୃହ କ୍ରେତାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବ।' କ୍ରେଡାଇ ଓଡ଼ିଶା ଦର୍ଶାଇଛି ଯେ, ଏହି ସଂଶୋଧନ କେବଳ 'ଅଲୋଟି ଆସୋସିଏସନ' ଗଠନ ଏବଂ ପିକରଣକୁ ସହଜ କରିବ ନାହିଁ, ବରଂ ସାଧାରଣ ସ୍ଥାନଗୁଡ଼ିକର ସୁରୁଖୁରୁରେ ହସ୍ତାନ୍ତର ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବ, ଆଇନଗତ ସ୍ୱଷ୍ଟତା ବଢ଼ାଇବ ଏବଂ ରାଜ୍ୟରେ ଗୃହ ନିର୍ମାଣ କ୍ଷେତ୍ରର ସୁବ୍ୟବସ୍ଥିତ ଅଭିବୃଦ୍ଧିରେ ସହାୟକ ହେବ।

## ଅଟୋ - କାର ଧକ୍କାରେ ଦୁଇ ଗୁରୁତର

**ବ୍ରହ୍ମଗିରି, ୧୨।୧ (ନି.ପ୍ର):** ସୋମବାର ଦିନ ଦୁଇ ଜଣ ଲୋକଙ୍କୁ ନେଇ ଯାଉଥିବା ଅଟୋକୁ ପଛପଟୁ ଏକ କାର ପିଟିବାରୁ ଚାଳକ ସହିତ ଦୁଇଜଣ ଅହତ ହୋଇଛନ୍ତି। ଆହତ ମାନକୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଯାଇଛି। ଖବର ନେବାରେ ଜଣାପଡିଛି ପୁରୀ-ବ୍ରହ୍ମଗିରି ଜାତୀୟ ରାଜପଥ ନାଗାଛକ ନିକଟରେ ଦୁର୍ଘଟଣା ଟି ଘଟିଥିଲା। ପୁରୀ ଅଭିମୁଖେ ଏକ ଅଟୋ ଟି ଯାଉଥିବା ବେଳେ ପଛ ପଟୁ କାର ମଧ୍ୟ ପୁରୀ ଅଭିମୁଖେ ଯାଉଥିଲା। କିନ୍ତୁ ହଟାତ କାର ଟିର ଚକଟି ପଂକ୍ଚର ହୋଇଯିବାରୁ କାରଟି ଭାରସାମ୍ୟ ହରାଇ ଅଟୋ କୁ ଧକା ଦେଇଥିଲା। ଫଳରେ ଅଟୋଟି ଚାରିଗଡା ହୋଇ ରାସ୍ତା ତଳକୁ ଖସିଯାଇଥିଲା। ଅଟୋ ରେ ଥିବା ଚାଳକ ଙ୍କ ସହିତ ଦୁଇ ଜଣ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ପୁରୀ ଡାକ୍ତରଖାନାକୁ ପଠାଯାଇଥିଲା। ଖବର ପାଇ ପୁରୀ ସଦର ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ଯାକ ଗାଡିକୁ ଜବତ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ ।

## ୬୦ କୋଟିରୁ ଅଧିକ ୟୁଜର୍ସଙ୍କୁ ଯୋଡିଲା ଫୋନପେ

**ଭୁବନେଶ୍ୱର, ୧୨।୧ (ନି.ପ୍ର) :** ଭାରତର ଅଗ୍ରଣୀ ଫିନଟେକ୍ କମ୍ପାନୀ 'ଫୋନପେ' ନିକଟରେ ତା'ର ୧୦ ବର୍ଷର ଯାତ୍ରା ସଫଳତାର ସହ ପୂରଣ କରିଛି। ଗତ ଏକ ଦଶନ୍ଧି ମଧ୍ୟରେ କମ୍ପାନୀ କୋଟି କୋଟି ଭାରତୀୟଙ୍କ ଟଙ୍କା କାରବାର ଏବଂ ପରିଚାଳନା ଶୈଳୀରେ ଏକ ବଡ଼ ପରିବର୍ତନ ଆଣିଛି। ଏହି ସଫଳତା ବିଷୟରେ କହିବାକୁ ଯାଇ ଫୋନପେର ପ୍ରତିଷ୍ଠାତା ତଥା ସିଇଓ ସମୀର ନିଗମ କହିଛନ୍ତି, 'ଆମର ଏହି ୧୦ ବର୍ଷର ଯାତ୍ରା ଅତ୍ୟ' ଉତ୍ସାହଜନକ। ଆମେ ବହୁତ ବାଟ ଆଗେଇ ଆସିଥିଲେ ମଧ ସଫଳତାର ଶୀର୍ଷରେ ପହଚିଂବା ଏବେ ବି ବାକି ଅଛି। ହଜାର ହଜାର କର୍ମଚାରୀଙ୍କ ନିଷ୍ଠା ଓ କଠିନ ପରିଶ୍ରମ ଯୋଗୁଁ ଏହି ଯାତ୍ରା ଆମ ପାଇଁ ଅର୍ଥପୂର୍ଣ୍ଣ ହୋଇପାରିଛି। 'ସେହିପରି କମ୍ପାନୀର ସହ-ପ୍ରତିଷ୍ଠାତା ତଥା ସିଟିଓ ରାହୁଲ ଚାରି କହିଛନ୍ତି ଯେ, 'ଫୋନପେ ଯେଉଁ ସଫଳତା ହାସଲ କରିଛି, ସେଥିପାଇଁ ମୁଁ ଗର୍ବିତ। ଲୋକଙ୍କ ବିଶ୍ୱାସ ହିଁ ଏକ ସାଧାରଣ ଆଇଡିଆକୁ ବଡ଼ ପ୍ରଭାବରେ ପରିଣତ କରିଥାଏ।

୨୦୨୫ ମସିହାରେ କମ୍ପାନୀର ସିକୃତ ବ୍ୟବହାରକାରୀଙ୍କ ସଂଖ୍ୟା ୬୦ କୋଟି (୬୦୦ ମିଲିୟନ) ଅତିକ୍ରମ କରିଛି। ଗ୍ରାହକଙ୍କ ସୁବିଧା ଓ ସୁରକ୍ଷା ପାଇଁ କମ୍ପାନୀ ଚଳିତ ବର୍ଷ 'ୟୁପିଆଇ ସର୍କଲ' (ଯେଉଁଥିରେ ଆପଣ ପରିବାର ଲୋକଙ୍କ ପାଇଁ ପେମେଂଟ କରିପାରିବେ) ଏବଂ ଫୋନପେ ପ୍ରୋଟେକ୍ଟ (ଅନଲାଇନ୍ ଠକେଇରୁ ରକ୍ଷା କରିବା ପାଇଁ ଏକ ସୁରକ୍ଷା ବ୍ୟବସ୍ଥା) ଭଳି ଗୁରୁତ୍ୱପୂର୍ଣ୍ଣ ସେବା ଆରମ୍ଭ କରିଛି। ଏହା ବ୍ୟତୀତ ବ୍ୟବସାୟୀଙ୍କ ପାଇଁ ଫୋନପେ ବିଜନେସ ଆପ, ଛୋଟ ବ୍ୟବସାୟୀଙ୍କ ପାଇଁ ସହଜ ଋଣ ସୁବିଧା, ବିଦେଶରେ ୟୁପିଆଇ କାରବାର ଏବଂ ଇନ୍ଦସ ଆପ୍ ଷ୍ଟୋର୍ ଭଳି ଅନେକ ନୂଆ ମାଇଲଖୁଂଟ ସହ ଫୋନପେ ଆଜି ଭାରତୀୟ ଅର୍ଥନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ୨୦୨୨ରେ ନିଜର ମୁଖ୍ୟ କାର୍ଯ୍ୟାଳୟ ଭାରତକୁ ସ୍ଥାନାନ୍ତର କରିବା ପରେ, ଫୋନପେ କେବଳ ଏକ ପେମେଂଟ ଆପ୍ ହୋଇ ରହିନାହିଁ; ବରଂ ଏହା ଦେଶର ପ୍ରତିଟି ନାଗରିକଙ୍କ ପାଇଁ ନିବେଶ, ବୀମା ଏବଂ ଋଣ ସୁବିଧା ପହଞ୍ଚାଇବାର ଏକ ମାଧମ ସାଜିଛି।

## ଓପୋ ଇଣ୍ଡିଆ ପକ୍ଷରୁ ନୂଆ ରେନୋ ୧୫ ସିରିଜର ଶୁଭାରମ୍ଭ

**ଭୁବନେଶ୍ୱର, ୧୨।୧ (ନି.ପ୍ର) :** ଓପୋ ଇଣ୍ଡିଆ ପକ୍ଷରୁ ଏହାର ପ୍ରିମିୟମ ରେନୋ୧୫ ସିରିଜର ଶୁଭାରମ୍ଭ କରାଯାଇଛି ଯେଉଁଥିରେ ୩ଟି ଭାରିଆଂଟ ଯଥା ରେନୋ୧୫ ପ୍ରୋ, ରେନୋ୧୫ପ୍ରୋ ମିନି ଓ ରେନୋ୧୫ ଅନ୍ତର୍ଭୁକ୍ତ ରହିଛି। ଏଥିରେ ପ୍ରାକୃତିକ ଉପାଦାନ ଓ ପ୍ରଥମ ଧରଣର ହଲୋଫ୍ୟୁଜନ ଟେକ୍ନୋଲୋଜି ଦ୍ୱାରା ଅନୁପ୍ରାଣିତ କଲର ରହିଛି, ରେନୋ୧୫ ସିରିଜ ଏକ କମ୍ପାକ୍ଟ, ଏର୍ଗୋନୋମିକ ଫର୍ମ ଫ୍ୟାକ୍ଟରକୁ ମଜବୁତ ନିର୍ମାଣ ଗୁଣବତା ସହ ସଂଯୋଜିତ କରିଛି। ରେନୋ୧୫ ପ୍ରୋ ଓ ରେନୋ୧୫ ପ୍ରୋ ମିନି ଏକ ୨୦୦ଏମପି କ୍ୟାମେରା ସହିତ ଫଟୋଗ୍ରାଫିକୁ ଆହୁରି ଉନ୍ନତ କରୁଛନ୍ତି । ଏହା ଏକ ୫୦ଏମପି ୩.୫ଏକ୍ସ ଅପ୍ଟିକାଲ ଜୁମ ଲେନ୍ସ, ୧୨୦ଗୁଣ ପର୍ଯ୍ୟ' ଡିଜିଟାଲ ଜୁମ୍ ଦ୍ୱାରା ପରିପୂର୍ଣ୍ଣ ଅଟେ, ଏହା ପ୍ୟୋରଟୋନ ଇମେଜିଙ୍ଗ ଟେକ୍ନୋଲୋଜି ଓ ଏଆଇ ଏଡିଟିଙ୍ଗ ଟୁଲଗୁଡିକ ଦ୍ୱାରା ସମର୍ଥିତ ଅଟେ। ରେନୋ୧୫ ପ୍ରୋ ୮୦ୱାଟ ସୁପରଭିଓଓସି ଫାର୍ଷ୍ଟ ଚାର୍ଜିଙ୍ଗ ଓ ୫୦ୱାଟ ଏଆରଭିଓଓସି ୱାୟାରଲେସ ଚାର୍ଜିଙ୍ଗ ସହ ଏକ ୬୫୦୦ମେଗାୱାଟ ଦ୍ୱାରା ପରିଚାଳିତ । ରେନୋ୧୫ ମଧ ଏକ ୬୫୦୦ମେଗାଆମ୍ପିୟର ୫-ବର୍ଷର ସ୍ଥାୟୀ ବ୍ୟାଟେରୀ ସହ ସୁସଜ୍ଜିତ ରହିଛି ଏବଂ ରେନୋ୧୫ ପ୍ରୋ ମିନିରେ ଏକ ୬୨୦୦ମେଗା ଆମ୍ପିଅର ବ୍ୟାଟେରୀ ରହିଛି। ଉଭୟ ମଡେଲ ୮୦ୱାର୍ଟ ସୁପରଭିଓଓସି ଫାର୍ଷ୍ଟ ଚାର୍ଜିଙ୍ଗକୁ ସପୋର୍ଟ କରୁଛନ୍ତି । ଓପୋ ପକ୍ଷରୁ ଦୁଇଟି ନୂଆ ଇକୋସିଷ୍ଟମ ପ୍ରଡକ୍ଟ ଓପୋ ପ୍ୟାଡ୫ ଓ



ଓପୋ ଏନକୋ ବଡ୍ସ୩ ପ୍ରୋ+ର ଉନ୍ମୋଚନ କରାଯାଇଛି ଯାହା କନେକ୍ଟେଡ ଡିଭାଇସର ଏହାର ପୋର୍ଟଫୋଲିଓକୁ ଆହୁରି ବିସ୍ତାର କରିଛି।

ରେନୋ୧୫ ସିରିଜର ଶୁଭାରମ୍ଭ ସମ୍ପର୍କରେ ଓପୋ ଇଣ୍ଡିଆର କମ୍ୟୁନିକେଶନ୍ସ ବିଭାଗ ମୁଖ୍ୟ ଗୋଲ୍ଡି ପଟ୍ଟନାୟକ କହିଛନ୍ତି, 'ରେନୋ୧୫ ସିରିଜ ସହିତ ଆମେ ଅତ୍ୟାଧୁନିକ ଇମେଜିଂ ସିଷ୍ଟମ, ଗଭୀର ଏଆଇ କ୍ଷମତା ଓ ମଜବୁତ ସାମଗ୍ରିକ କାର୍ଯ୍ୟଦକ୍ଷତା ପ୍ରଦାନ କରୁଛୁ ଯାହାକୁ ଯୁବ ଭାରତୀୟଙ୍କ ଭ୍ରମଣ କରିବା, ସୃଜନଶୀଳତା ଓ ନିଜର ମୁହୂର୍ତ୍ତଗୁଡିକୁ କ୍ୟାପ୍‌ଚର କରିବାର ଶୈଳୀ ଉପରେ ଆଧାର କରି ଡିଜାଇନ କରାଯାଇଛି। ରେନୋ୧୫ ପ୍ରୋ ସନ୍‌ସେଟ ଗୋଲ୍ଡ କଲର ଏବଂ କୋକୋଆ ବ୍ରାଉନ କଲର୍‌ରେ ଆସୁଛି। ରେନୋ୧୫ ପ୍ରୋ ମିନି କୋକୋଆ ବ୍ରାଉନ କଲର ସହିତ ଏକ ପ୍ଲେଫୁଲ ଗ୍ଲାସିଅର କଲର ଏବଂ ଏକ କ୍ରିଷ୍ଟାଲ ପିଙ୍କ ଭାରିଆଂଟରେ ମଧ ଆସୁଛି । ରେନୋ୧୫ ଗ୍ଲାସିଅର ହ୍ୱାଇଟ, ଟ୍ୱିଲାଇଟ ବ୍ଲୁ ଓ ଅରୋରା ବ୍ଲୁ କଲରେ ଏହି ଶୃଙ୍ଖଳାକୁ ସମ୍ପୂର୍ଣ୍ଣ କରିଛି । ରେନୋ୧୫ ସିରିଜ, ଏଆଇ ଏଡିଟର ୩.୦ର ଶୁଭାରମ୍ଭ କରିଛି ଯାହା ଫଟୋ ଏଡିଟିଂକୁ ସରଳ ଓ ଅଧିକ ଅନ୍ତର୍ନିହିତକାରୀ କରିଛି ।

ରେନୋ୧୫ ପ୍ରୋର ମୂଲ୍ୟ ୧୨ଜିବି+୨୫୬ଜିବି ଭାରିଆଂଟ ପାଇଁ ୬୭,୯୯୯ଟଙ୍କା ଓ ୧୨ଜିବି+୫୧୨ଜିବି ଭାରିଆଂଟ ପାଇଁ ୭୨,୯୯୯ଟଙ୍କା ରହିଛି। ସେହିପରି ରେନୋ୧୫ ପ୍ରୋ ମିନି, ୧୨ଜିବି+୨୫୬ଜିବି ଭାରିଆଂଟ ପାଇଁ ୫୯,୯୯୯ଟଙ୍କା ଏବଂ ୧୨ଜିବି+୫୧୨ଜିବି ଭାରିଆଂଟ ପାଇଁ ୬୪,୯୯୯ଟଙ୍କାରେ ଉପଲବ୍ଧ ହେଉଛି। ଏହାଛଡ଼ା ରେନୋ ୧୫ ୩ଟି କନଫିଗରେସନ ଯେପରିକି ୪୫,୯୯୯ ଟଙ୍କାରେ ୮ଜବି+୨୫୬ଜିବି, ୪୮,୯୯୯ଟଙ୍କାରେ ୧୨ ଜିବି+୨୫୬ଜିବି ଓ ୫୩,୯୯୯ଟଙ୍କାରେ ୧୨ଜିବି+୫୧୨ ଜିବିରେ ଉପଲବ୍ଧ ହେଉଛି। ଓପୋ ରେନୋ୧୫ ସିରିଜ କ୍ରୟ ପାଇଁ ଆସନ୍ତା ଜାନୁଆରୀ ୧୩ ତାରିଖ ୨୦୨୬ରୁ ଆମାଜନ, ଫ୍ଲିପକାର୍ଟ, ମେନ୍‌ଲାଇନ ରିଟେଲ ଆଉଟଲେଟ ଓ ଓପୋ ଇ-ଷ୍ଟୋରରେ ଉତ୍ସାହଜନକ ଅଫର ସହିତ ଉପଲବ୍ଧ ହେବ। ରେନୋ ୧୫ସି ୮ଜିବି+୨୫୬ଜିବି ପାଇଁ ୩୪,୯୯୯ଟଙ୍କାରେ ଏବଂ ୧୨ଜିବି+୨୫୬ ଜିବି ପାଇଁ ୩୭,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ଓପୋ ପ୍ୟାଡ ୫ ଦୁଇଟି ଷ୍ଟୋରେଜ ଭାରିଆଂଟ ଯେପରିକି ୮ଜିବି+୧୨୮ଜିବି ୨୬,୯୯୯ଟଙ୍କାରେ ଓ ୮ଜିବି+୨୫୬ଜିବି ୫ଜି ଭାରିଆଂଟ ପାଇଁ ୩୨,୯୯୯ଟଙ୍କାରେ ଉପଲବ୍ଧ ହେବ। ଏହାଛଡା ଓପୋ ଏନକୋ ବଡ୍ସ୩ ପ୍ରୋ+ ର ମୂଲ୍ୟ ୨୪୯୯ଟଙ୍କା ରହିବ।

## ୧.୧ ବିଲିୟନ ଆମେରିକୀୟ ଡଲାର ଉଦ୍ୟୋଗରେ ପରିଣତ ହୋଇଛି ସୋନାଲିକା

**ଭୁବନେଶ୍ୱର, ୧୨।୧ (ନି.ପ୍ର) :** ଭାରତର ସବୁଠାରୁ ପ୍ରତିଷ୍ଠିତ କୃଷି ବ୍ରାଣ୍ଡ ମଧ୍ୟରୁ ଅନ୍ୟତମ ସୋନାଲିକା ଟ୍ରାକ୍ଟର, ଚାଷୀଙ୍କ ସହିତ ୩୦ ବର୍ଷର ବିଶ୍ୱସ୍ତ ସହଭାଗୀତାର ପାଳନ କରୁଛି। ତିନି ଦଶନ୍ଧି ପୂର୍ବେ ପାବର ହୋସିଆରପୁରରେ ଆରମ୍ଭ ହୋଇଥିବା ଏହି କମ୍ପାନୀ ଆଜି ୧.୧ ବିଲିୟନ ଆମେରିକୀୟ ଡଲାରର ବିଶ୍ୱ ଟ୍ରାକ୍ଟର ଉଦ୍ୟୋଗରେ ପରିଣତ ହୋଇଛି, ଯାହା ଫର୍ଚୁନ୍ ୫୦୦ ଭାରତର ସର୍ବବୃହତ କମ୍ପାନୀ ତାଲିକାରେ ସ୍ଥାନ ପାଇଛି। ସୋନାଲିକା ବର୍ତ୍ତମାନ ଭାରତର ନମ୍ବର ୧ ଟ୍ରାକ୍ଟର ରପ୍ତାନି ବ୍ରାଣ୍ଡ, ଭାରତରେ ତୃତୀୟ ବୃହତମ ଟ୍ରାକ୍ଟର ନିର୍ମାତା, ବିଶ୍ୱର ସର୍ବବୃହତ ଟ୍ରାକ୍ଟର ବଜାର ଏବଂ ବିଶ୍ୱ ସ୍ତରରେ ୫ମ ବୃହତମ ଟ୍ରାକ୍ଟର ବ୍ରାଣ୍ଡ ଭାବରେ ଠିଆ ହୋଇଛି। ସୋନାଲିକାର ଅଧକ୍ଷ ଶ୍ରୀ ଏଲ୍.ଡି. ମିତଲଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି କମ୍ପାନୀ ଏକ ସରଳ କିନ୍ତୁ ଶକ୍ତିଶାଳୀ ବିଶ୍ୱାସ 'ଜିତନେକା ଦମ୍' ଉପରେ ନିର୍ମିତ ହୋଇଥିଲା ଯେ ଭାରତୀୟ ଚାଷୀମାନେ ଅଧିକ ଶକ୍ତି, ନିର୍ଭରଯୋଗ୍ୟତା, ମର୍ଯ୍ୟାଦା ଏବଂ ଅଂଚଳ-ନିର୍ଦ୍ଦିଷ୍ଟ ପ୍ରଯୁକ୍ତିବିଦ୍ୟା ପାଇବାକୁ ଯୋଗ୍ୟ। ତାଙ୍କ ପୁଅ ଡକ୍ଟର ଏ.ଏସ୍. ମିତଲ (ଉପସଭାପତି) ଏବଂ ଡକ୍ଟର ଦୀପକ ମିତଲ (ପରିଚାଳନା ନିର୍ଦ୍ଦେଶକ)ଙ୍କ ସହିତ, ସୋନାଲିକାରେ ଏକ କୃଷକ-ପ୍ରଥମ ପଦ୍ଧତି ଗ୍ରହଣ କରିଥିଲେ । ଉନ୍ନତ ଗବେଷଣା ଏବଂ ବିକାଶ କେନ୍ଦ୍ରର ଅଭାବ ସତ୍ତ୍ୱେ, କମ୍ପାନୀ ଏକ ସାହସିକ ପ୍ରତିବଦ୍ଧତା କରିଥିଲା ଯେ ଟ୍ରାକ୍ଟରଗୁଡ଼ିକୁ ଭାରତର ବିବିଧ ଫସଲ, ମାଟି ଏବଂ ଆଂଚଳିକ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରାଯିବ। ଏହି କୃଷକ-ପ୍ରଥମ ଦର୍ଶନ ଏବଂ ଋଣମୁକ୍ତ ରହିବାର ଏକ ଶୃଙ୍ଖଳିତ ନିଷ୍ପତି ସୋନାଲିକାର ଡିଏନଏକୁ ଗଢ଼ି ତୋଳିଥିଲା।



ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି, ସୋନାଲିକା ଏହାର ହୋସିଆରପୁର ପ୍ଲାଂଟର ପ୍ରାରମ୍ଭିକ ଉତ୍ପାଦନ କ୍ଷମତାକୁ ବାର୍ଷିକ ୫୦,୦୦୦ ଟ୍ରାକ୍ଟର ୟୁନିଟ୍ ରୁ ୧ ଲକ୍ଷ ଟ୍ରାକ୍ଟର ୟୁନିଟ୍ କୁ ବୃଦ୍ଧି କରିଛି। ଆଜି, ସୋନାଲିକା ୨୦-୧୨୦ ଏଚପିରେ ୨,୦୦୦ ରୁ ଅଧିକ ମଡେଲ୍ ବିକଶିତ କରୁଛି, ଯାହା ଘରୋଇ ଏବଂ ବିଶ୍ୱ ବଜାର ଉଭୟକୁ ପୂରଣ କରୁଛି। କମ୍ପାନୀ ହୋସିଆରପୁର ଚାରିପାଖରେ ଏକ ସମୃଦ୍ଧ ଏମଏସଏମଇ ଇକୋସିଷ୍ଟମକୁ ମଧ ପୋଷଣ କରିଛି, ଯାହା ବଡ଼ ପରିମାଣରେ ନିଯୁକ୍ତି ସୃଷ୍ଟି କରୁଛି ଏବଂ ଏକ ବିଶ୍ୱସ୍ତରୀୟ ଶିଳ୍ପ ହବ୍ ସୃଷ୍ଟି କରିଛି। ଆଜି ସୋନାଲିକା ରପ୍ତାନିରେ ଏକ ଅଦ୍ୱିତୀୟ ୩୦% ବଜାର ଅଂଶୀଦାର ଅଟେ । ୨୦୨୨ ମସିହାରେ ସୋନାଲିକା ଭାରତର ପ୍ରଥମ କମ୍ପାନୀ ଭାବରେ ଏହାର ୱେବସାଇଟରେ ଟ୍ରାକ୍ଟର ମୂଲ୍ୟ ପ୍ରକାଶ କରି ଭାରତୀୟ କୃଷି କ୍ଷେତ୍ରରେ ସ୍ୱଚ୍ଛତାର ଏକ ନୂତନ ଯୁଗ ଆରମ୍ଭ କରିଥିଲା। କମ୍ପାନୀ ପ୍ରତିବର୍ଷ ଏହାର ଉତ୍ପାଦନ କ୍ଷମତାକୁ ୩ ଲକ୍ଷ ଟ୍ରାକ୍ଟରକୁ ବୃଦ୍ଧି କରିବାକୁ ପ୍ରସ୍ତୁତ । ଉତ୍ପାଦ ବ୍ୟତୀତ, ସୋନାଲିକା ପ୍ରତ୍ୟେକ ସ୍ପର୍ଶପଏଂଟରେ ଏକ ନିର୍ବିଘ୍ନ ସମାଧାନ ଇକୋସିଷ୍ଟମ ନିର୍ମାଣ କରି ଡିଜିଟାଲ ପ୍ଲାଟଫର୍ମ, ସଂଯୁକ୍ତ ଡାଇଗ୍ନୋଷ୍ଟିକ୍ସ ଏବଂ ବ୍ୟକ୍ତିଗତ ଖୁଚୁରା ସମ୍ପୃକ୍ତି ମାଧ୍ୟମରେ କୃଷକ ଅଭିଜ୍ଞତାକୁ ପରିବର୍ତନ କରିବାକୁ ମଧ ପ୍ରତିବଦ୍ଧ।

## ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ଗତ ଡିସେମ୍ବରରେ ୪.୪୬ ଲକ୍ଷ ୟୁନିଟ ବିକ୍ରି କରିବା ସହିତ ମଜଭୁତ ଗତିଶୀଳତା ହାସଲ କରିଛି

**ଗୁରୁଗ୍ରାମ, ୧୨।୧ (ନି.ପ୍ର) :** ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମ୍‌ଏସଆଇ) ୨୦୨୫ ଡିସେମ୍ବରରେ ମୋଟ ୪,୪୬,୦୪୮ ୟୁନିଟ ବିକ୍ରି କରିଛି, ଯେଉଁଥିରେ ମଜଭୁତ ଚାହିଦା ସହିତ ନିୟୁତ ନିୟୁତ ଗ୍ରାହକଙ୍କ ପାଇଁ ଗମନା ଗମନକୁ ଅଧିକ ନିରାପଦ, ସ୍ୱଚ୍ଛ ଏବଂ ଅଧିକ ସୁଲଭ୍ୟ କରିବା ନିମନ୍ତେ କମ୍ପାନୀର ପ୍ରଚଳିତ ପ୍ରୟାସ ପ୍ରତିଫଳିତ ହୋଇଛି। ଏହି ବିକ୍ରି ମଧ୍ୟରେ ଘରୋଇ ବଜାରରେ ୩,୯୨,୩୦୬ ୟୁନିଟ ବିକ୍ରୟ ଏବଂ ରପ୍ତାନି ୫୩,୭୪୨ ୟୁନିଟ ଅନ୍ତର୍ଭୁକ୍ତ।

ଏଚଏମ୍‌ଏସଆଇ ୨୦୨୪ ଡିସେମ୍ବର ତୁଳନାରେ ଇୟର-ଅନ୍-ଇୟର (ୱାଇଓୱାଇ) ୪୫% ଅଭିବୃଦ୍ଧି ହାସଲ କରିଛି। ଏହି ପ୍ରଦର୍ଶନ ଏଚଏମ୍‌ଏସଆଇର ଉତ୍ପାଦ ବର୍ଗ ନିମନ୍ତେ ସମଗ୍ର ଘରୋଇ ଏବଂ ଆନ୍ତର୍ଜାତିକ ବଜାରଗୁଡିକରେ ରହିଥିବା ମଜଭୁତ ଚାହିଦାକୁ ପ୍ରତିଫଳିତ କରୁଛି।

ଏଫ୍‌ୱାଇ୨୬ (ଏପ୍ରିଲ-ଡିସେମ୍ବର ୨୦୨୫)ର ଇୟର-ଟୁ-ଡେଟ୍ ଅବଧି ନିମର୍ଂ ଏଚଏମ୍‌ଏସଆଇ ମୋଟ ୪୬,୭୮,୮୧୪ ୟୁନିଟ ବିକ୍ରି କରିଛି। ଏଥିମଧ୍ୟରେ ଘରୋଇ ବଜାରରେ ୪୨,୦୪,୪୨୦ ୟୁନିଟ ବିକ୍ରି ଏବଂ ରପ୍ତାନି ୪,୭୪,୩୯୪ ୟୁନିଟ ଅନ୍ତର୍ଭୁକ୍ତ, ଏବଂ ଏଥିରେ ୨୦୨୪ ଡିସେମ୍ବର ତୁଳନାରେ ୱାଇଓୱାଇ ୩% ଅଭିବୃଦ୍ଧି ହାସଲ ହୋଇଛି। ୨୦୨୫ ଡିସେମ୍ବରରେ ଏଚଏମ୍‌ଏସଆଇର ମୁଖ୍ୟ ବୈଶିଷ୍ଟ୍ୟାବଳୀ: ସଡ଼କ ସୁରକ୍ଷା: ଏହାର 'ସେଫ୍‌ଟି ଫର ଏଭ୍ରିୱାନ' (ପ୍ରତ୍ୟେକଙ୍କ ପାଇଁ ନିରାପତ୍ତା) ଦୂରଦୃଷ୍ଟି ଅନୁରୂପ ଏଚଏମ୍‌ଏସଆଇ ନୂଆଦିଲ୍ଲୀ, ଜୟପୁର, ସୋଲାପୁର, ମିରଟ, ଭୋପାଳ, ରାଞ୍ଚି, ରାଜକୋଟ, ଗୋଆ, କାଲିକଟ, ରାଜମୁନ୍ଦ୍ରୀ, ଲୁଧିଆନା, ସମସ୍ତିପୁର ଏବଂ ହାସନ୍ ସମେତ ରାଷ୍ଟ୍ରବ୍ୟାପୀ ବିଭିନ୍ନ ସ୍ଥାନରେ ସଡ଼କ ନିରାପତ୍ତା ଅଭିଯାନ ଆୟୋଜନ କରିଥିଲା। ଏହି ଅଭିଯାନଗୁଡିକ ସମସ୍ତଙ୍କ ପାଇଁ ନିରାପଦ ସଡ଼କ ସୃଷ୍ଟି କରିବାକୁ ଦାୟିତ୍ୱସମ୍ପନ୍ନ ଗାଡିଚାଳନା ଏବଂ ଗୋଷ୍ଠୀ ସଚେତନତାକୁ ପ୍ରୋତ୍ସାହିତ କରିଥିଲା।

ଏଥି ସହିତ ଏଚଏମ୍‌ଏସଆଇ ରାୟପୁରରେ ଏକ ସଡ଼କ ନିରାପତ୍ତା ସମ୍ମିଳନୀ ଆୟୋଜନ କରିଥିଲା, ଯେଉଁଥିରେ ପ୍ରଶିକ୍ଷକମାନଙ୍କୁ ପିଲାମାନଙ୍କ ମଧ୍ୟରେ ନିରାପଦ ଗାଡିଚାଳନା ଅଭ୍ୟାସ ଅନ୍ତର୍ନିବେଶ କରିବା ଏବଂ ବାଲ୍ୟାବସ୍ଥାରୁ ଏକ ନିରାପଦ ଅଭ୍ୟାସ ସୃଷ୍ଟି କରିବାକୁ ନିୟୋଜିତ କରାଯାଇଥିଲା।

ନେଟୱର୍କ ସମ୍ପ୍ରସାରଣ: ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ମଧ୍ୟ ଔରୟା, ଦିଲ୍ଲୀ ଓ ଝାରଗ୍ରାମରେ ନୂଆ ସ୍ୱୀକୃତିପ୍ରାପ୍ତ ଡିଲରସିପ୍ ସହିତ ନିଜର ଉପସ୍ଥିତିକୁ ସମ୍ପ୍ରସାରିତ କରିଥିଲା। ଏହି ଡିଲରସିପ୍‌ଗୁଡିକରେ ସ୍ୱତନ୍ତ୍ର ଭାବରେ ତାଲିମପ୍ରାପ୍ତ ସେଲ୍ସ୍ ଓ ସର୍ଭିସ ଟିମ୍ ନିୟୋଜିତ ହୋଇଛନ୍ତି, ଯେଉଁମାନେ ବ୍ୟକ୍ତିଗତ ଆବଶ୍ୟକତା ମୁତାବକ ମାର୍ଗଦର୍ଶନ ଏବଂ ସମର୍ଥନ ଯୋଗାଇ ଦେଉଛନ୍ତି ଏବଂ ଏହା ଗ୍ରାହକ-କୈନ୍ଦ୍ରିକ ଗମନା ଗମନ ସମାଧାନଗୁଡିକ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଚଏମ୍‌ଏସଆଇ ଆଗକୁ ବଢୁଥିବାବେଳେ ଏହାର ଅଗ୍ରାଧିକାରତା ସ୍ପଷ୍ଟ ରହିଛି, ତାହା ହେଉଛି- ଗ୍ରାହକଙ୍କୁ ସଶକ୍ତ କରୁଥିବା, ନିରାପତ୍ତାକୁ ଅଗ୍ରାଧିକାର ଦେଉଥିବା ଏବଂ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଅବଦାନ ରଖୁଥିବା ମୋବିଲିଟି ଯୋଗାଇଦେବା।

## ଆଇଆଇଏମ୍ ସମ୍ବଲପୁରରେ ସିଇଓ ଇମର୍ସନ୍ ପ୍ରୋଗ୍ରାମ୍ ଆୟୋଜିତ

**ସମ୍ବଲପୁର, ୧୨।୧ (ନି.ପ୍ର) :** ଭାରତର ପ୍ରମୁଖ ପରିଚାଳନା ଶିକ୍ଷା ପ୍ରତିଷ୍ଠାନ ଆଇଆଇଏମ୍ ସମ୍ବଲପୁର ଦ୍ୱାରା ଏକ୍ଜିକ୍ୟୁଟିଭ୍ ଏମ୍ବିଏ (୨୦୨୫-୨୭) ଓ କାର୍ଯ୍ୟରତ ପେଶାଜୀବୀଙ୍କ ପାଇଁ ଏମ୍ବିଏ (୨୦୨୪-୨୦୨୬) ବ୍ୟାଚ୍ (ଦିଲ୍ଲୀ କେନ୍ଦ୍ର) ପାଇଁ ୫ ଦିନିଆ ସିଇଓ ଇମର୍ସନ୍ ପ୍ରୋଗ୍ରାମ୍ ଆୟୋଜନ କରାଯାଇଛି।

ଚଳିତ ବର୍ଷର କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା -କାର୍ଯ୍ୟର ଭବିଷ୍ୟତ ଓ ସ୍ୱଭାବ: ଦକ୍ଷତା, ସଂସ୍କୃତି ଓ ସସ୍ଥାୟୀତ୍ୱ। ଏହି ବିଷୟବସ୍ତୁ ଆଧୁନିକ କାର୍ଯ୍ୟସ୍ଥଳର ପରିବର୍ତ୍ତିତ ରୂପକୁ ପ୍ରତିବିମ୍ବିତ କରେ, ଯେଉଁଠାରେ ଭବିଷ୍ୟତ କେବଳ ପ୍ରଯୁକ୍ତି ଦ୍ୱାରା ନୁହେଁ, ବରଂ ଅବିରତ ବିକାଶଶୀଳ ଦକ୍ଷତା, ଅନୁକୂଳନଶୀଳ ସଂସ୍କୃତି ଓ ସ୍ଥାୟୀତ୍ୱ ଦ୍ୱାରା ଗଢ଼ାଯାଉଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଉଭୟ ବ୍ୟାଚ୍ର ଛାତ୍ରଛାତ୍ରୀ ମାନଙ୍କୁ ଶିଳ୍ପ ଧାରା, ବ୍ୟବହାରିକ ଅନୁଭବ ଓ ନେତୃତ୍ୱ କୌଶଳ ସମ୍ପର୍କରେ ଶିଳ୍ପ ବିଶେଷଜ୍ଞମାନଙ୍କ ସହ ସିଧାସଳଖ ଆଲୋଚନା ମାଧ୍ୟମରେ ଅବଗତ କରାଇବା।

ଏହି କାର୍ଯ୍ୟକ୍ରମରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ମୁଖ୍ୟ ଅତିଥି ଭାବେ ନାଲ୍କୋର ସିଏମ୍ଡି ବ୍ରଜେନ୍ଦ୍ର ପ୍ରତାପ ସିଂହ, ସମ୍ମାନିତ ଅତିଥି ଭାବେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ଼ର ନିର୍ଦ୍ଦେଶକ (ପରିଚାଳନା) କେଶବ ରାଓ ଓ ଆମାଜନ୍ ଇଣ୍ଡିଆ। ଏବଂ ଦକ୍ଷିଣ ଏସିଆର ହେଡ୍ ଅଫ୍ କଷ୍ଟମର୍ ସୋଲୁସନ୍ସ ଏବଂ ସିଆଇଓ ଆଡଭାଇଜରୀ ବିସ୍ୱଜିତ ମହାପାତ୍ର ଉପସ୍ଥିତ ଥିଲେ। ପେୟୁ ପେମେଣ୍ଟ୍ସର ସିଟିଓ ଶ୍ରୀ ନରେନ୍ଦ୍ର ବାବୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ।

ସ୍ୱାଗତ ଭାଷଣରେ ପ୍ରଫେସର ମହାଦେଓ ଜୟସ୍ୱାଲ୍ କହିଥିଲେ, କାର୍ଯ୍ୟର ଭବିଷ୍ୟତ '୩ଡି ବିଘ୍ନ' - ଡିଜିଟାଲକରଣ, ଡିକାର୍ବନିକରଣ ଓ




ବ୍ୟବସାୟର ଗଣତାନ୍ତ୍ରିକୀକରଣ - ଦ୍ୱାରା ଗଢ଼ାଯିବ। ବିଶ୍ୱସ୍ତରରେ ସଂସ୍ଥାମାନେ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର୍ (ଜିସିସି) ଆଧାରିତ ରୂପରେ ପୁନଃଗଠିତ ହେଉଛନ୍ତି ଏବଂ ଏହାର ୫୩ ପ୍ରତିଶତ ଭାରତରେ ଅବସ୍ଥିତ, ଯାହା ଦେଶକୁ ଗ୍ଲୋବାଲ୍ ବ୍ୟବସାୟର ଏକ କେନ୍ଦ୍ରବିନ୍ଦୁ କରିଛି। ସୂର୍ଯ୍ୟ, ପରମାଣୁ ଓ ଜୈବ ଶକ୍ତି ପରି ପରିଷ୍କାର ଶକ୍ତି କ୍ଷେତ୍ରରୁ ନୂଆ। କାମ ଓ ନୂଆ। ଦକ୍ଷତା ଉଦୟ ହେବ। ପାରମ୍ପରିକ ଯାନ ଶିଳ୍ପକୁ ବିଦ୍ୟୁତ ଯାନ ପ୍ରତିସ୍ଥାପିତ କରିବ ଓ ଭବିଷ୍ୟତରେ ପେଟ୍ରୋଲ ପମ୍ପର ସ୍ଥାନରେ ଚାର୍ଜିଂ ଷ୍ଟେସନ୍ ଦେଖାଯିବ।

ମୁଖ୍ୟ ଅତିଥି ବ୍ରଜେନ୍ଦ୍ର ପ୍ରତାପ ସିଂହ କହିଥିଲେ, ଭବିଷ୍ୟତକୁ ଦେଖିବା କ୍ଷମତା ହେଉଛି ଟିକି ରହିବା ଓ ବିକାଶ ପାଇଁ ସବୁଠାରୁ ଆବଶ୍ୟକ ନେତୃତ୍ୱ ଦକ୍ଷତା, କାରଣ ପରିବର୍ତ୍ତନ ଅନିବାର୍ଯ୍ୟୟ ଯେଉଁ ସଂସ୍ଥାମାନେ ପରିବର୍ତ୍ତନ ପରେ ପରିବର୍ତ୍ତିତ ହୁଅନ୍ତି ସେମାନେ କେବଳ ଟିକି ରହନ୍ତି, ଯେଉଁମାନେ ପରିବର୍ତ୍ତନ ସହ ପରିବର୍ତ୍ତିତ ହୁଅନ୍ତି ସେମାନେ ସମୃଦ୍ଧି ପାଆନ୍ତି, କିନ୍ତୁ ଯେଉଁମାନେ ପରିବର୍ତ୍ତନ ପୂର୍ବରୁ ପରିବର୍ତ୍ତିତ ହୁଅନ୍ତି ସେମାନେ ନେତୃତ୍ୱ କରନ୍ତି।

ସଂସ୍ଥାର ସାମାଜିକ ପ୍ରତିବଦ୍ଧତା ଉପରେ ଆଲୋକ ପକାଇ ସମ୍ମାନିତ ଅତିଥି କେଶବ ରାଓ କହିଥିଲେ।

ମାତ୍ର ଦଶ ବର୍ଷରେ ଏହି ପ୍ରତିଷ୍ଠାନ ସଂସ୍ଥା ଗଢ଼ିବାରେ ଅପାର ପରିଶ୍ରମ ଓ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ଶିକ୍ଷାଜଗତ, ଶିଳ୍ପ କ୍ଷେତ୍ର ଓ ସ୍ଥାନୀୟ ସମୁଦାୟ ସହ ଗଭୀର ସଂପୃକ୍ତି ଏହାକୁ ଏକ ସମଗ୍ର ବିକାଶ ମଡେଲ୍ ଦେଇଛି, ଯାହା ଲୋକମାନଙ୍କ ଆୟ ବୃଦ୍ଧି ଓ ଜୀବନ ଉନ୍ନତିରେ ସହାୟକ ହୋଇଛି ଏବଂ ମହିଳା ସଶକ୍ତିକରଣକୁ ମଧ ଗୁରୁତ୍ୱ ଦେଇଛି।

ସିଇଓ ଇମର୍ସନ୍ ପ୍ରୋଗ୍ରାମ୍ ଆଇଆଇଏମ୍ ସମ୍ବଲପୁରର ଏକ ମୁଖ୍ୟ ପ୍ରତିଷ୍ଠାନିକ ପଦକ୍ଷେପ, ଯାହା ଶିଳ୍ପ ନେତାମାନଙ୍କ ଓ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ସଂଳାପ ସୃଷ୍ଟି କରିବାକୁ ଉଦ୍ଦିଷ୍ଟୟ ଏହି କାର୍ଯ୍ୟକ୍ରମ ଗୁଡ଼ିକ ଦକ୍ଷତା ବିକାଶ, ସଂସ୍କୃତି ଉନ୍ନତି ଓ ସସ୍ଥାୟୀ ବ୍ୟବସାୟ ପ୍ରଥା ମାଧ୍ୟମରେ ଭବିଷ୍ୟତର କାର୍ଯ୍ୟଜଗତକୁ ସମ୍ମୁଖୀନ କରିବା ପାଇଁ ରଣନୀତି ଅନ୍ୱେଷଣ କରେ। ଏହି କାର୍ଯ୍ୟକ୍ରମରେ ଟେସ୍ଲା ଇଣ୍ଡିଆ, ୟୁନାଇଟେଡ୍ ବ୍ରୁୟରିଜ୍ ଟ୍ରେଡିଂ ଲିମିଟେଡ୍, ଡିଲୋଇଟ୍ ଡିଜିଟାଲ୍, ଟାଟା ବିଜନେସ୍ ଏକ୍ସିଲେନ୍ସ ଗ୍ରୁପ୍ ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ପରି ସଂସ୍ଥାର ସିଇଓମାନେ ଅଂଶଗ୍ରହଣ କରିଥିଲେ।

